# ଧର୍ମଶାଳା ମୁନ୍‌ସୀ ମେଲଣ ଉଦ୍‌ଯାପିତ

**ଧର୍ମଶାଳା,୭।୩(ବଟକୃଷ୍ଣ ପରିଡ଼ା):**



ମେଲଣରେ ସାମିଲ ହୋଇଥିବା ଦୋଳ ବିମାନ।

ଧର୍ମଶାଳା ହାଟପଡ଼ିଆଠାରେ ୧୪୯ତମ ଐତିହାସିକ ମୁନ୍‌ସୀ ମେଲଣ ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ ହୋଇ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଲଣରେ ୩୩ ବଡ଼ ବିମାନ ଓ ୫୦ ଛୋଟ ବିମାନ ଯୋଗଦେଇ ହୋଲି ଖେଳିଥିଲେ। ମେଲଣ ପାଇଁ ଧର୍ମଶାଳା ଥାନା ପକ୍ଷରୁ ବିଭିନ୍ନ ବର୍ଗର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ରାତି ପ୍ରାୟ ୧୦ଟାରେ ଚୋରମୁହାଁ ଥାନପତି ବିମାନ ସଙ୍କୀର୍ତ୍ତନ ଓ ଢୋଲ ବାଜା ସହ ରୋଷଣୀ କରି ବିଭିନ୍ନ ସ୍ଥାନରେ ଭୋଗ ପାଇବା ପରେ ଭୋର ସମୟରେ ହାଟପିଆସ୍ଥିତ ଥାନପତି ଚାରାରେ ବିରାଜମାନ ହୋଇଥିଲେ। ଚଳିତ ବର୍ଷ ଅଶ୍ଳୀଳ ଗୀତ ଓ ନାଚକୁ କମିଟି ପକ୍ଷରୁ ବାରଣ କରାଯାଇଥିବାରୁ ବିମାନଗୁଡିକ ସଙ୍କୀର୍ତ୍ତନ, ଢୋଲ ବାଜା ଓ ଘୋଡ଼ାନାଚ ଆଦି ନୃତ୍ୟ ପ୍ରଦର୍ଶନ କରି ରୋଷଣିରେ ଆସି ଚାରାରେ ବସିଥିଲେ। ମେଲଣ କମିଟି ସଭାପତି ତଥା ଥାନା ଅଧିକାରୀ ଚିନ୍ମୟୀ ସାହୁ ସମସ୍ତ ବିମାନ ବୁଲି ଭୋଗ ଲଗାଇଥିଲେ। ଧର୍ମଶାଳା ଥାନା ପକ୍ଷରୁ ଏହି ମେଲଣ ଆୟୋଜନ ହେଉଥିବାରୁ ଏହି ଦିନ ପୋଲିସ କର୍ମଚାରୀ ସାଧାରଣ ଲୋକଙ୍କ ସହ ମିଶି ହୋଲି ଖେଳିଥିଲେ। କମିଟିର ଆଜୀବନ ସମ୍ପାଦକ ସ୍ୱର୍ଗତ ବୃନ୍ଦାବନ ଶତପଥୀଙ୍କ ହାଟପଡ଼ିଆସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମେଲଣରେ ଢିହସାହି, ହରିପୁର, ଠାକୁରମଠ, କୋଳଥଳ, ଓରାଳି, ନୂଆମିର୍ଜାପୁର, କୁଣ୍ଡପାଟଣା, ଅଚ୍ୟୁତପୁର ରାଧାକୃଷ୍ଣଜୀଉ, ଜାରକା, ଗୋପାଳପୁର, ଚକଗୋପାଳପୁର, ଚହଟା ଗୋପୀନାଥ, ଚହଟା ବୃନ୍ଦବନ ବିହାରୀ, ବାଲିଗରି, ନରସିଂହପୁର, ବଡ଼ଚଣାବାରି, ବଣ୍ଟରା, ଅଭୟପୁର, ନିଳାଦେଇପୁର, ଦକ୍ଷିଣଶାସନ, ଦୁବଗାଡ଼ିଆ, ନାଉପାଳ, ଶ୍ରୀବନ୍ତପୁର, କୋହ୍ଲା, ବାଟିଜଙ୍ଗା ଓ ଦୌଲପୁର ରାଣୀବନ୍ଧି ଆଦି ୩୩ ବଡ଼ ବିମାନ ସାମିଲ ହୋଇଥିଲେ।

ଏହି ଅବସରରେ ହାଟପଡ଼ିଆରେ ବିଭିନ୍ନ ଦୋକାନୀ ପସରା ମେଲାଇଥିଲେ। ମେଲଣକୁ ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଆସି ବିମାନରେ ବିରାଜମାନ ରାଧାକୃଷ୍ଣଙ୍କ ଦର୍ଶନ କରିବା ସହ ମେଳାରେ ବୁଲି ଘରକରଣା ସାମଗ୍ରୀ କିଣାକିଣି କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅତିଥି ଭାବେ ଯାଜପୁର ଏସ୍‌ଡିପିଓ ଶରତ ପାତ୍ର, କେନ୍ଦ୍ରାପଡ଼ା ଏସ୍‌ଡିପିଓ ସରୋଜ ସାହୁ, ସାମାଜିକ କର୍ମୀ ମିନତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। କମିଟିର କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ସମ୍ପାଦକ ପ୍ରମୋଦ ଦାସ, ସହସମ୍ପାଦକ ଶରତ ଓଝା, ସାଂସ୍କୃତିକ ସମ୍ପାଦକ ପ୍ରମୋଦ ପାତ୍ର, କୋଷାଧ୍ୟକ୍ଷ ମନୋଜ ରାଉଳ, ସଭ୍ୟ ସୁଜିତ୍ ମହାରଣା, ଗଙ୍ଗାଧର ମହାରଣା, ନୃସିଂହ ଚରଣ ମହାନ୍ତି, ରବୀନ୍ଦ୍ର ମହାନ୍ତି, ଦେବରାଜ ମିଶ୍ର, ସବ୍ୟସାଚୀ ସୁନ୍ଦରରାୟ, ଜଗଦୀଶ ମହାନ୍ତି ଓ ରାଜେଶ ପାଳ ପ୍ରମୁଖ ଉପସ୍ଥିତ ରହି ମେଲଣ ପରିଚାଳନା କରିଥିଲେ। ହାଟପଡ଼ିଆ ଚାରାରେ ବିରାଜମାନ ରାଧାକୃଷ୍ଣଙ୍କ ବିମାନ ନିକଟରେ କମିଟି ସଦସ୍ୟ ପହଁଚି ଠାକୁରଙ୍କୁ ଭୋଗ ଦେବା ସହ ବିଦାୟ ଦେଇଥିଲେ।

# ଭିନ୍ନକ୍ଷମ ଅହଲ୍ୟାଙ୍କ ଗୁହାରି ଶୁଣୁନାହିଁ ପ୍ରଶାସନ

**କାଏମା, ୭।୩(ଶିବ ପ୍ରସାଦ ମହାନ୍ତି)**



ଧର୍ମଶାଳା ବ୍ଲକ ବଡକାଏମା ପଞ୍ଚାୟତ ଶେରପୁର ଗାଁର ଭିନ୍ନକ୍ଷମ ଅହଲ୍ୟା ପଣ୍ଡା(୬୪)ଙ୍କ ଯାତାୟାତ ପାଇଁ ଟ୍ରାଇସାଇକେଲର ଆବଶ୍ୟକତା ଥିଲେ ସୁଦ୍ଧା ପ୍ରଶାସନର ଅବହେଳା ପାଇଁ ବାରମ୍ବାର ନିବେଦନ ସତ୍ତ୍ୱେ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଅହଲ୍ୟା କିଛିବର୍ଷ ପୂର୍ବେ କଟକରେ ପରିବାର ସହ ରହୁଥିଲେ। ସ୍ୱାମୀଙ୍କ ଏକ ଛୋଟ ଜଳଖିଆ ଦୋକାନ ଥିଲା। ସେ ଘରେ ବସି ଜଳଖିଆ ତିଆରି କରିବାରେ ସାହାଯ୍ୟ କରୁଥିଲେ। ଯାହା ରୋଜଗାର ହୁଏ ପରିବାର ପ୍ରତିପୋଷଣ କରୁଥିଲେ। ମାସିକ ୧ ହଜାର ଭଡ଼ା ଟଙ୍କାରେ ଔଷଧ ଓ ଅନ୍ୟ ଖର୍ଚ୍ଚ କରନ୍ତି। କିନ୍ତୁ ସେଠାରେ ଦୋକାନ ଭଙ୍ଗି ଯିବାରୁ ନିଜ ଗ୍ରାମକୁ ଆସି ଦୁଃଖେ କଷ୍ଟେ ଚଳୁଛନ୍ତି। ବିନା ସାହାରାରେ ସେ ଉଠି ବସି ପାରନ୍ତି ନାହିଁ, ତେଣୁ ଘୁଷୁରି ଘୁଷୁରି ସେ ନିଜର ସବୁ କାର୍ଯ୍ୟ କରିଥାନ୍ତି। କେତେବେଳେ ଟିକେ ଘର ବାହାରକୁ ଯିବା ପାଇଁ ହେଲେ ଏକ ଟ୍ରାଇସାଇକେଲର ଆବଶ୍ୟକତା ରହିଛି। କିନ୍ତୁ ଏହା ନ ଥିବା କାରଣରୁ ଏକ କାଠପଟାରେ ଚାରୋଟି ଚକା ଲଗାଇ ତାଙ୍କୁ ଉକ୍ତ କାଠରେ ବସାଇ ଟାଣି ଟାଣି ପରିବାର ପକ୍ଷରୁ ନେଉଥିବା ଦେଖିବାକୁ ମିଳୁଛି। ସରକାରୀସ୍ତରରେ ଅନଗ୍ରସର ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ପ୍ରକାର ସାହାଯ୍ୟ ଓ ସହାୟତାର ବ୍ୟବସ୍ଥା ରହିଥିଲେ ବି ଅହଲ୍ୟାଙ୍କ ପାଇଁ ଏହା ସମ୍ଭବ ହୋଇପାରିନାହିଁ। ସେହିପରି ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଅସହାୟ ଗରିବ ପରିବାରଙ୍କୁ ବିଧାୟକଙ୍କ ପ୍ରୟାସରେ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯାଉଥିବା ବେଳେ କାଏମା ପଞ୍ଚାୟତରେ ଅହଲ୍ୟାଙ୍କ ଏମିତି ସମସ୍ୟା ଦୀର୍ଘଦିନ ହେବ ଲାଗି ରହିଛି। ଏହା ଉପରେ ବିଧାୟକଙ୍କ ଦୃଷ୍ଟି ପଡ଼ିନାହିଁ। ତେବେ ସ୍ଥାନୀୟ କର୍ମୀମାନଙ୍କ ଖାମଖିଆଲି ମନୋଭାବ ପାଇଁ ଏଭଳି ଘଟଣା ହେଉଥିବାବେଳେ ଏହା ଉପରେ ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଟାଟା ପ୍ରୋଜେକ୍ଟ ତରଫରୁ ରକ୍ତଦାନ ଶିବିର



**ଯାଜପୁରରୋଡ୍,୭।୩(ପବିତ୍ର ରଞ୍ଜନ ମହାନ୍ତି):**

ଟାଟା ପ୍ରୋଜେକ୍ଟ ପକ୍ଷରୁ ଟାଟା କଲୋନୀଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ରକ୍ତଦାତା ଜୀବନଦାତା ପରିବାରର ସଦସ୍ୟମାନେ ପରିଚାଳନା କରିଥିଲେ। ଶିବିରରେ ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତା ପରିବାରର ପ୍ରତିଷ୍ଠାତା ରାଜେଶ ରାଉତ, ସାମାଜିକ କର୍ମୀ ମୋହନ ମହାରଣା, ପ୍ରକାଶ ଜେନା, ମନୋଜ ଦାସ, ନରୋତ୍ତମ ପାତ୍ର ପ୍ରମୁଖ ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଯାଜପୁରରୋଡ ରକ୍ତ ଭଣ୍ଡାରର କର୍ମଚାରୀ ଶର୍ମିଷ୍ଠା ଖଟୋଇ, ସନ୍ଧ୍ୟାରାଣୀ ଭୂତିଆ ଓ ନିରଞ୍ଜନ ଜେନା ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ମୁଖ୍ୟ ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର

**ବିଞ୍ଝାରପୁର,୭।୩(ରାମକୃଷ୍ଣ ଦାସ):**

## ହୋଟେଲ ବ୍ୟବସାୟୀଙ୍କୁ ଭୁଜାଲି ମାଡ଼ ଘଟଣା



ଗିରଫ ଅଭିଯୁକ୍ତ ସତ୍ୟଜିତ ସାହୁ।

ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଳମୁକୁଳି ବଜାରରେ ଜଣେ ହୋଟେଲ ବ୍ୟବସାୟୀଙ୍କୁ ଭୁଜାଲି ମାଡ଼ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସତ୍ୟଜିତ ସାହୁ ଓରଫ୍ କୁନାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏହି ଘଟଣାରେ ଅନ୍ୟ ଜଣେ ସହଯୋଗୀ ରଞ୍ଜନ ସାହୁ ଓରଫ୍ ଟିକିନା ଫେରାର ଥିବା ଜଣାପଡ଼ିଛି।

ବାଳମୁକୁଳି ବଜାରରେ ମା' ଚଣ୍ଡୀ ହୋଟେଲର ମାଲିକ ସତ୍ୟଜିତ ସାହୁ ଓରଫ୍ କୁନା ହୋଇଥିଲାବେଳେ ନ୍ୟୁ ମା' ହୋଟେଲର ମାଲିକ ହେଉଛନ୍ତି ଅକ୍ଷୟ ଦାସ। ଏହି ଦୁଇ ହୋଟେଲ ବ୍ୟବସାୟୀଙ୍କ ମଧ୍ୟରେ ବ୍ୟବସାୟମୂଳକ ବିବାଦ ଲାଗି ରହିଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। ଗତ ଶୁକ୍ରବାର ସନ୍ଧ୍ୟାରେ ଉଭୟଙ୍କ ବଚସା ଉଗ୍ରରୂପ ଧାରଣ କରିବାରୁ ମା' ଚଣ୍ଡୀ ହୋଟେଲର ମାଲିକ ସତ୍ୟଜିତ ଉତ୍କ୍ଷିପ୍ତ ହୋଇ ନ୍ୟୁ ମା' ହୋଟେଲର ମାଲିକ ଅକ୍ଷୟଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଅକ୍ଷୟଙ୍କ ପେଟ ଓ ହାତରେ ଗଭୀର ଚୋଟ ଲାଗିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠି ପହଞ୍ଚି ଗୁରୁତର ଅକ୍ଷୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହିତ ଆକ୍ରମଣକାରୀ କୁନାଙ୍କୁ କାବୁ କରି ଥାନାକୁ ନେଇଥିଲେ। ଏହି ଘଟଣାକୁ ନେଇ ଅକ୍ଷୟଙ୍କ ପୁଅ ଅମିୟଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ନଂ.୧୨୫/୨୬ ରୁଜୁକରି ତଦନ୍ତ କରିଥିଲା। ଫେରାର ଥିବା ଟିକିନାଙ୍କ ନିକଟରେ ଖୁବ୍‌ଶୀଘ୍ର ପୋଲିସ ପହଞ୍ଚିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ତ୍ରିନାଥ ମନ୍ଦିର ବାର୍ଷିକ ଉତ୍ସବ



**ଯାଜପୁରରୋଡ଼, ୭।୩ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ଼ ଚୋରଦା ଛକ ପୁରୁଣା ଥାନା ପରିସରରେ ଥିବା ତ୍ରିନାଥ ଦେବଙ୍କ ମନ୍ଦିର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଚୋରଦାସ୍ଥିତ ପଦ୍ମପୋଖରୀରୁ କଳସ ଯାତ୍ରା ଆରମ୍ଭ ହୋଇ ମନ୍ଦିର ପ୍ରାଙ୍ଗଣରେ ପୂଜାସ୍ଥଳରେ ପହଞ୍ଚି ଥିଲା। ସେଠାରେ କଳସ ସ୍ଥାପନ କରାଯାଇ ବିଗ୍ରହମାନଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ପରେ ରୀତିନୀତି ଅନୁଯାଇ ଗୋପୂଜା, ସୂର୍ଯ୍ୟ ପୂଜା, ଯଜ୍ଞ ଓ ନାମ ସଂକୀର୍ତ୍ତନ କରାଯାଇ ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଥିଲା। ପଣ୍ଡିତ ଲକ୍ଷ୍ମୀଧର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ କର୍ତ୍ତା ଭାବେ ଥାନାଧିକାରୀ ଆଶିଷ କୁମାର ସାହୁ ସସ୍ତ୍ରୀକ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁପ୍ରଶ୍ନ ମଲ୍ଲିକ, ଯାଜପୁରରୋଡ଼ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ସହ ବହୁ ପୋଲିସ ଅଧିକାରୀ ତଥା ଆଖପାଖ ଅଞ୍ଚଳର ମାନ୍ୟଗଣ୍ୟ, ବ୍ୟକ୍ତି ସଙ୍ଗଠନ ଯୋଗଦେଇଥିଲେ। ଏସ୍‌ଆଇ ଚିତ୍ତରଞ୍ଜନ ଜେନା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏସ୍‌ଆଇ ମାନସ ସାହୁ, ଏଏସ୍‌ଆଇ ହରେକୃଷ୍ଣ ସ୍ୱାଇଁ, କେଶବ ଚନ୍ଦ୍ର ସାହୁଙ୍କ ସହ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯାଜପୁରରେ ଲୁଟେରାଙ୍କ ଦୌରାତ୍ମ୍ୟ

## ସୁନା ଦୋକାନୀଙ୍କୁ ଆକ୍ରମଣ

**ଯାଜପୁର ଟାଉନ,୭।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ସହରରେ ଗତ କିଛିଦିନ ହେବ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ସେମାନେ ଲୋକଙ୍କୁ ଭୟଭୀତ କରି ବନ୍ଧୁକ ଦେଖାଇ ଲୁଟ୍ କରୁଛନ୍ତି। ଗତ ଗୁରୁବାର ରାତିରେ ଲୁଟେରା ଲୁଟ୍ ଉଦ୍ଦେଶ୍ୟରେ ବନ୍ଧୁକ ଦେଖାଇ ଜଣେ ସୁନା ଦୋକାନୀକୁ ଆକ୍ରମଣ କରିଛନ୍ତି। ଯାଜପୁର ଥାନା ଜଳସରପୁର ଅଞ୍ଚଳର ସୁନା ବ୍ୟବସାୟୀ ନବଘନ ସାହୁ ଓ ତାଙ୍କ ପୁଅ ନିରାକାର ସାହୁ ବଜରଙ୍ଗୀ ଛକରେ ଥିବା ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ଲୁଟେରା ଦୋକାନୀଙ୍କୁ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ସେହିପରି ଅକରପଡ଼ା ତ୍ରାହିଅଚ୍ୟୁତ ମନ୍ଦିର ନିକଟରେ ୫ରୁ୬ଜଣ ଲୁଟେରା ବାଇକ୍ ଓ ଅନ୍ୟ ଗାଡ଼ିରେ ଆସି ନବଘନ ଓ ତାଙ୍କ ପୁଅ ନିରାକାରଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଜୀବନ ବିକଳରେ ନିରାକାର ଦୌଡ଼ିବାକୁ ଆରମ୍ଭ କରିଥିଲେ। ଲୁଟେରା ଗୋଡ଼ାଇ ଗୋଡ଼ାଇ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ବାପାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ପାଖରେ ଥିବା ବ୍ୟାଗ ଛଡ଼ାଇ ନେଇଥିଲେ। ଏନେଇ ସୁନା ଦୋକାନୀ ଯାଜପୁର ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜାରକା ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ

**ଧର୍ମଶାଳା,୭।୩ (ବଟକୃଷ୍ଣ ପରିଡ଼ା):**



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଏବିଇଓ ମମିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ସିଆରସିସି ନିବେଦିତା ପରିଡ଼ା, ଏସ୍‌ଏମ୍‌ସି ସଭାପତି ପ୍ରଦୀପ କୁମାର ସେଠୀ, ସଦସ୍ୟ ଦିଲୀପ କୁମାର ବିଶ୍ୱାଳ ଓ ପୁରାତନ ଛାତ୍ରସଂସଦ ସଭାପତି ତାରିଣୀ ମୋହନ ବିଶ୍ୱାଳ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ର ସ୍ୱାତିସଙ୍ଗୀତା ବାରିକ, ଚିନ୍ମୟୀ ଭୂୟାଁ, ଯଶ୍ୱିନ୍ ସାମଲ, କୃତାର୍ଥା ମିଶ୍ର, ହରପ୍ରିୟା ବାରିକ, ଦେବାଶିଷ ନାଥ, ଶ୍ରୁତିଶ୍ରୀ ବାରିକ, ସ୍ୱୟଂଆଶିଷ ମହାପାତ୍ର, ସ୍ନେହାସୁମନ ସିଂହ, ସ୍ୱର୍ଣ୍ଣପ୍ରିୟା ସାହୁଙ୍କ ସମେତ ୫ମ ଶ୍ରେଣୀ ବୃତ୍ତି ପାଇଥିବା ଛାତ୍ରୀ ଶୁଭଲକ୍ଷ୍ମୀ ସେଠୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ନର୍ମଦା ବେହେରା, କୁମୁଦିନୀ ପାଢ଼ୀ, ସୁଜାତା ସାହୁ, ଏସ୍‌ଏମ୍‌ସି ସଦସ୍ୟା ଗୀତାଞ୍ଜଳି ବାରିକ ଓ ସୟଦ୍ ଗୁଲାମ୍ ମୁସ୍ତାଫା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ରାଉତ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟର ସହପାଠୀ ଅନୁଭୂତି ବାଣ୍ଟିଲେ

## କାର୍ଯ୍ୟକ୍ଷେତ୍ରରେ ସଫଳ ଅବସରପ୍ରାପ୍ତ ନାଗରିକମାନଙ୍କ ବନ୍ଧୁମିଳନ

**ରସୁଲପୁର,୭।୩(ରଞ୍ଜିତ ରାଉତ)**



ବନ୍ଧୁମିଳନରେ ସାମିଲ ହୋଇଥିବା ଅବସରପ୍ରାପ୍ତ ନାଗରିକମାନେ।

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଇଁଚପଡିଆ ମା' ହିଙ୍ଗୁଳାଙ୍କ ପୀଠରେ କାର୍ଯ୍ୟକ୍ଷେତ୍ରରୁ ଅବସରପ୍ରାପ୍ତ ନାଗରିକମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ ସମିତିସଭ୍ୟ କମ୍ରେଡ ଲକ୍ଷ୍ମଣ ରାଉତ, ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ବିନୋଦ ବିହାରୀ ବେହେରା, ଅବସରପ୍ରାପ୍ତ ସରକାରୀ ଅଧିକାରୀ ସାହିତ୍ୟିକ ଦେବେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ବିଆରସିସି ପ୍ରଭାକର ସାହୁ, ଜିଲା ଏକତା ମଞ୍ଚର ସଭାପତି ଗୟାଧର ମଲ୍ଲିକ, ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାଧୁ ଚରଣ ପାତ୍ର, ନଗେନ୍ଦ୍ର ପତି, ମଦନ ମୋହନ ପତି, ଅମୂଲ୍ୟ କୁମାର ଦାସ, ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ଅଭିରାମ ପାତ୍ର, ସାମାଜିକ କର୍ମୀ ଦୈତାରୀ ଜେନା, ଅନ୍ତର୍ଯ୍ୟାମୀ ପରିଡା ପ୍ରମୁଖ ୭୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନେ ଏକାଠି ହୋଇ ଦିବଂଗତ ବନ୍ଧୁମାନଙ୍କର ସ୍ମୃତି ଚାରଣ କରିଥିଲେ। ଏଥିସହ ବରିଷ୍ଠଗଣ ବିଦ୍ୟାଳୟରେ ପାଠ ପଢିବା, ଚାକିରି କ୍ଷେତ୍ରରେ ସାଉଁଟି ଥିବା ତିକ୍ତ ଅନୁଭୂତିକୁ ନିଜ ଭିତରେ ବାଣ୍ଟି ଖୁସି ପ୍ରକଟ କରିଥିଲେ। ବରିଷ୍ଠମାନେ ସାମ୍ପ୍ରତିକ ସାମାଜିକ ସ୍ଥିତିରେ ସମାଜର ଚଳନୀ ସହ ଖାପଖୁଆଇ କିଭଳି ଜୀବନ ଅତିବାହିତ କରୁଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବୟସ ସହ ପାରିବାରିକ ଓ ସାମାଜିକ ବୋଝ କିଭଳି ଜୀବନରୁ ଶାନ୍ତିକୁ ଛଡାଇ ନେଇଛି। ଚାପମୁକ୍ତ ଜୀବନଯାପନ କରିବାକୁ ବରିଷ୍ଠମାନେ କି ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ରାଉତ, ଓଡ଼ିଶା ପବ୍ଲିକ ସ୍କୁଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଭୂଷଣ ପଣ୍ଡା ବରିଷ୍ଠମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମା' ହିଙ୍ଗୁଳା କମିଟିର ସମ୍ପାଦକ ଧନେଶ୍ୱର ସାହୁ, ଉପସଭାପତି ବଂଶୀଧର ବେହେରା, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ସାହିତ୍ୟିକ ଦେବେନ୍ଦ୍ର ପଣ୍ଡାଙ୍କ ସ୍ୱରଚିତ ପ୍ରବନ୍ଧ ଓ କବିତା ସଂକଳନ 'ଆଳି ମାଳିକା' ପୁସ୍ତିକାକୁ ବନ୍ଧୁମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

# ହିଙ୍ଗୁଳା ଯଜ୍ଞ ପ୍ରସ୍ତୁତି ବୈଠକ

**ଜେନାପୁର,୭।୩(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରଠାରେ ୨୩ତମ ମା' ହିଙ୍ଗୁଳା ଯଜ୍ଞ ନିମନ୍ତେ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଅଶୋକ କୁମାର ସାହୁ ଅଧକ୍ଷତା କରିଥିଲେ। ହିଙ୍ଗୁଳା ଉତ୍ସବ ମାର୍ଚ୍ଚ ୧୩ରୁ୧୭ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ମହାସମାରୋହରେ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ହିଙ୍ଗୁଳା ଦେବୀଙ୍କ ବିଧି ଅନୁସାରେ ପୂଜାର୍ଚ୍ଚନା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କମିଟି ପକ୍ଷରୁ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ସେହିପରି ଯଜ୍ଞ ସମୟରେ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଛି। ବୈଠକରେ ବିଚିତ୍ରାନନ୍ଦ ସାହୁ, ଆନନ୍ଦ ଭୂୟାଁ, ଜିତେନ୍ଦ୍ର ବରାଳ, ପ୍ରମୋଦ ମଲ୍ଲିକ, କ୍ଷୀରୋଦ ଦଳାଇ, ସୁବାସ ଭୂୟାଁ, ମଧୁ ସେଠୀ, ରାମଚନ୍ଦ୍ର ମହାନ୍ତି, ଦୀପକ ମହାନ୍ତି, ଶୁକଦେବ ମଲ୍ଲିକ, ଅମୂଲ୍ୟ ମଲ୍ଲିକ ଓ ଶୁଭକାନ୍ତ ବରାଳଙ୍କ ସମେତ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଏବଂ ଗ୍ରାମବାସୀ ଉପସ୍ଥିତରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡକାୟତି ଯୋଜନା ବେଳେ ୬ ଗିରଫ

**ଯାଜପୁରଟାଉନ,୭।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର।

ଯାଜପୁର ସଦର ଥାନା ମାଳଆନ୍ଦପୁର ଠାରେ ଗତ ୬ ତାରିଖରେ ୭ ଜଣ ଡକାୟତି ଯୋଜନା କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗୋବିନ୍ଦ ଦଳାଇ ଓରଫ୍ ଭାଲୁ, ଶଙ୍କର ଦଳାଇ, ମନୁଆ ଓରଫ୍ ସତ୍ୟ ପ୍ରକାଶ ଦଳାଇ, ପୋଡ ଓରଫ୍ ଦୀପକ ବେହେରା, ରାମ ଓରଫ ଶ୍ରୀକୃଷ୍ଣ ଦଳାଇ ଓ ଚଗୁଲୁ ମହାରଣା। ଅନ୍ୟଜଣେ ନାବାଳକଙ୍କୁ ବାଳ ସୁଧାର ଗୃହରେ ଛଡ଼ାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୧ ତେଲେଙ୍ଗା କଟୁରୀ, ୨ କଟୁରୀ, ୨ ଭୁଜାଲି, ୨ ଲୁହାଛଡ଼, କିଛି ଲଙ୍କା ଗୁଣ୍ଡ, ୩ ଖାଲି ବିଅର ବୋତଲ, ୮ ବ୍ୟବହୃତ ଗ୍ଲାସ, କିଛି କୁରକୁରି ପ୍ୟାକେଟ ପୋଲିସ ଜବତ କରିଛି। ଯାଜପୁର ସଦର ଥାନା ଏଏସଆଇ ସୁଶାନ୍ତ ଦାସ ଓ ଅନ୍ୟ କର୍ମଚାରୀ ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନେ ଡକାୟିତଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସେମାନେ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଥାନାରେ ନଂ.୮୪/୨୬ରେ ଏକ ମାମଲା ରୁଜୁ ହୋଇଛି।

# ଖୋଲା ଆକାଶ ତଳେ ଶତାଧିକ ବସ୍ତା ଧାନ

■ ମଣ୍ଡିରେ ୫୦ ଭାଗ ଧାନ ବିକ୍ରି ହୋଇନି
■ ମିଲରଙ୍କ ଦେଖା ନାହିଁ : ଚିନ୍ତାରେ ଚାଷୀ

କୁଜଙ୍ଗ, ୭।୩(ମନୋଜ ପ୍ରଧାନ)


ଚାଷୀମାନେ ମଣ୍ଡି ଆଗରେ ପାଲ ଘୋଡ଼ାଇ ଧାନବସ୍ତା ରଖିଛନ୍ତି।

ଚାଷୀଙ୍କଠାରୁ ଖରିଫ ଧାନ କିଣିବାର ଶେଷ ତାରିଖ ଚଳିତ ମାର୍ଚ୍ଚ ୩୧ ନିର୍ଦ୍ଧାରଣ କରାଯାଇଥିବାବେଳେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକରେ ଅଦ୍ୟାବଧି ୫୦ ଭାଗ ଧାନ କିଣାଯାଇପାରିନାହିଁ। ଚାଷୀମାନେ ଶତାଧିକ ବସ୍ତା ଧାନ ନେଇ ଖୋଲା ଆକାଶ ତଳେ ଖରା, ବର୍ଷାକୁ ଖାତିର ନ କରି ମଣ୍ଡିରେ ପକେଇ ରଖିଥିଲେ ବି ମିଲରଙ୍କ ଦେଖା ନ ମିଳିବାରୁ ହତାଶ ହୋଇ ମୁଣ୍ଡରେ ହାତଦେଇ ବସିଛନ୍ତି। ଏନେଇ ଚାଷୀମାନେ ସେମାନଙ୍କ ଧାନ ବିକ୍ରି ହେବାନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, କୁଜଙ୍ଗର ୧୭ଟି ପ୍ୟାକ୍ସରେ ଖରିଫ ଧାନ କିଣିବା ପାଇଁ ମଣ୍ଡି ଖୋଲିଥିଲେ ବି ଧାନ କ୍ରୟ ଆଶାନୁରୂପ ହୋଇପାରିନାହିଁ। ଅଧିକାଂଶ ମଣ୍ଡିରେ ୫୦ ଭାଗ ଧାନ କ୍ରୟ ହୋଇ ପାରିନାହିଁ। ଯେଉଁ ଚାଷୀଙ୍କୁ ଜାନୁଆରୀ ୨୮ ତାରିଖରେ ଧାନ ଦେବା ପାଇଁ ଟୋକନ୍ ମିଳିଥିଲା, ମିଲର ନ ଆସିବାରୁ ସେମାନଙ୍କ ମଧ୍ୟରୁ କେତେଜଣ ଚାଷୀ ନିରାଶ ହୋଇଛନ୍ତି। ଇତିମଧ୍ୟରେ ମାର୍ଚ୍ଚ ପ୍ରଥମ ସପ୍ତାହ ଅତିକ୍ରାନ୍ତ ହୋଇଥିଲେ ବି ସେମାନେ ଧାନ ବିକ୍ରି କରିପାରିନାହାନ୍ତି।

ଜଗନ୍ନାଥପୁର ପାକ୍ସରେ ୬,୭୫୭ କୁଇଣ୍ଟାଲ ଧାନ ବିକିବା ପାଇଁ ୨୫୬ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଥିଲେ। ଏଠାରେ ଜାନୁଆରୀରୁ ଫେବୃଆରୀ ୨୮ ତାରିଖ ସୁଦ୍ଧା ୮୫ ଜଣ ଚାଷୀଙ୍କଠାରୁ ମାତ୍ର ୨,୬ ୫୫ କୁଇଣ୍ଟାଲ ଧାନ କିଣାଯାଇଛି। ଆହୁରି ୪ ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକିବା ପାଇଁ ୧୭୧ ଜଣ ଚାଷୀ ଟୋକନ ପାଇ ଅପେକ୍ଷାରେ ରହିଛନ୍ତି। ଜଗନ୍ନାଥପୁର ପାକ୍ସରେ ଫେବୃଆରୀ ୨୮ରେ ଶେଷ ଧାନ କିଣା ହୋଇଥିଲା। ଇତିମଧ୍ୟରେ ଏକ ସପ୍ତାହ ଅତିକ୍ରାନ୍ତ କରିଥିଲେ ବି ଆଉ ମିଲରଙ୍କ ଦେଖା ମିଳୁନାହିଁ।

ଏ ସମ୍ପର୍କରେ ଜଗନ୍ନାଥପୁର ପାକ୍ସର ସମ୍ପାଦକ ରାଜକିଶୋର ପରିଡ଼ାଙ୍କୁ ପଚାରିବାରେ ମିଲର ଠିକ୍ ସମୟରେ ନ ଆସିବାରୁ ଧାନ କିଣାରେ ବାଧା ଉପୁଜିଛି। ସରକାର ଆହୁରି ୧୫ ଦିନ ଅର୍ଥାତ୍ ଏପ୍ରିଲ ୧୫ ପର୍ଯ୍ୟନ୍ତ ଧାନ କିଣା ସମୟ ବୃଦ୍ଧି କରିବାର ଅଛି। ମିଲର ନିୟମିତ ନ ଆସିବା ସମ୍ପର୍କରେ ସମ୍ପାଦକ ପରିଡ଼ା କହିଥିଲେ, ମିଲରମାନେ କହୁଛନ୍ତି ଧାନ ଗଚ୍ଛିତ ରଖିବା ପାଇଁ ଗୋଦାମରେ ଜାଗା ନ ଥିବାରୁ କିଣାରେ ବିଳମ୍ବ ହେଉଛି। ସରକାର ଗୋଟିଏ ମିଲରର ସମସ୍ତ ପରିସ୍ଥିତି ଦେଖି ତାଙ୍କ ସହ ଧାନ କିଣିବା ପାଇଁ ଚୁକ୍ତି କରିଥିବେ। କିନ୍ତୁ ପରବର୍ତ୍ତୀ ସମୟରେ ଧାନ ନ କିଣି ଗୋଦାମ ଭର୍ତ୍ତି ହେବା ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗୁଛି। ମିଲରମାନେ କମ୍ ଦାମ୍‌ରେ କଳା ବେପାରୀଙ୍କଠାରୁ ଧାନ କିଣୁଥିବା ସନ୍ଦେହ କରାଯାଉଛି। ଏ ପ୍ରସଙ୍ଗରେ ଚାଷୀ ତଥା ମାଟି ସୁରକ୍ଷା ମଞ୍ଚ ସଂଯୋଜକ ହୃଷୀକେଶ ନାଥ କହିଛନ୍ତି, ସରକାରଙ୍କ ଦୁର୍ବଳ ନୀତି ଯୋଗୁ ଚାଷୀଙ୍କ ଧାନ କିଣା ହୋଇପାରୁନାହିଁ। ଗୋଟିଏ ପଟେ ଚାଷୀଙ୍କୁ ଅଖା ଯୋଗାଇ ଦିଆଯାଉ ନାହିଁ। ଅନ୍ୟପଟେ କୁଇଣ୍ଟାଲ ପ୍ରତି ୪ରୁ ୫ କିଗ୍ରା କଟ୍‌ନିଛଟ୍‌ନି ହେଉଛି। ଚାଷୀଙ୍କ ପ୍ରତି ସରକାରଙ୍କ ଦରଦ ନାହିଁ। ଚାଷୀ ନବଘନ ନାଥ ତାଙ୍କ ଧାନ ମଣ୍ଡିରେ ବିକ୍ରି ହେବା ନେଇ ଆଶଙ୍କାବ୍ୟକ୍ତ କରିଛନ୍ତି। ସେ ନିରାଶ ହୋଇ କହିଛନ୍ତି, ଯଦି ମଣ୍ଡିରେ ଧାନ ବିକ୍ରି ନ ହୁଏ ବାଧ୍ୟ ହୋଇ କୁଇଣ୍ଟାଲ ପିଛା ୧୬୦୦ଟଙ୍କାରେ କଳା ବେପାରୀଙ୍କୁ ଧାନ ବିକିବାକୁ ବାଧ୍ୟ ହେବେ। ଯଦ ଏପରି ହୁଏ ସେ ଆସନ୍ତା ବର୍ଷ ଆଉ ଚାଷ କରିବେ ନାହିଁ ଓ ତାଙ୍କ ପରି ଅନେକ ଚାଷୀ ଚାଷ କରିବେ ନାହିଁ ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ



ରାହାମା, ୭।୩(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳପଡା ପଞ୍ଚାୟତ କନ୍ଦମୂଳ ପଡ଼ିଆ (ମକର ପଡ଼ିଆ)ରେ ୨୭ତମ ଶ୍ରୀରାମ ଚରିତ ମାନସ ପରିଷଦ ଆନୁକୂଲ୍ୟରେ ଶ୍ରୀରାମ ଚରିତ ମାନସ ମହାସମାରୋହରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋପୂଜା ଓ ସନ୍ଧ୍ୟାରେ ପାରାୟଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କର୍ତ୍ତାଭାବେ ଗଗନ ସ୍ୱାଇଁ ଓ କର୍ତ୍ତ୍ରୀଭାବେ ସବିତା ସ୍ୱାଇଁ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଜଟଣୀସ୍ଥିତ ରାମାନୁଭବ ଆଶ୍ରମର ବ୍ୟାସ ଶିବ ସ୍ୱରୂପ ଗିରି, ପ୍ରବଚକ ପଣ୍ଡିତ ସୁଶାନ୍ତ କୁମାର ଅଗ୍ନିହୋତ୍ରୀ (ରାମନୁଭବ ଆଶ୍ରମ ଜଟଣୀ ଖୋର୍ଦ୍ଧା), ମୁଖ୍ୟ ପୂଜକ ପଣ୍ଡିତ କିଶୋର ମିଶ୍ର, ସହାୟକ ପୂଜକ ପଣ୍ଡିତ ରବିନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି। ସୋମବାର ସନ୍ଧ୍ୟାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବା ସହ ଶ୍ରୀରାମ ରାଜ୍ୟାଭିଷେକ ଓ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ମହନ୍ତ ମଠ ମେଲଣ, ମୁକ୍ତମଞ୍ଚ ନାଟକ ଉତ୍ସବ

କୁଜଙ୍ଗ,୭।୩(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ତଥା ଏରସମା ବ୍ଲକ ଚଟୁଆ ପଞ୍ଚାୟତ ଅନ୍ତର୍ଗତ ପୋଖରିଆପଡ଼ାର ସର୍ବପୁରାତନ ପ୍ରସିଦ୍ଧ ମହନ୍ତ ମଠ ମେଲଣ ଅନୁଷ୍ଠିତ ହୋଇଯାଇଛି। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଅନୁଷ୍ଠିତ ହେଉଥିବା ଏହି ମେଳଣରେ ଚଳିତ ବର୍ଷ ଦୋଳ ବିମାନ ମହନ୍ତ ମେଳଣ ପଡ଼ିଆଠାରୁ ବିରାଟ ପଟୁଆରେ ମା'ସାତଭଉଣୀ ବେଢା ନିକଟକୁ ଆସିଥିଲେ। ଏହି ଅବସରରେ ବାଜା, ବାଣ, ଫଣ୍ଡିଖେଳ ଓ ଗୋପାଳଙ୍କ ଲଉଡି ଖେଳ ହୋଇଥିଲା। ପରେ ପଣ୍ଡିତ ବିଭୂରଞ୍ଜନ ଦାସ ଶ୍ରୀଜୀଉମାନଙ୍କର ପୂଜାର୍ଚ୍ଚନା କରିବାସହ ଭୋଗ ଲାଗି କରିଥିଲେ। ଚଳିତ ବର୍ଷ ଏହି ମେଳଣ ବହୁ ଆଡମ୍ବରରେ ପାଳନ କରାଯାଇଛି। ଏହି ଉପଲକ୍ଷେ ଦୁଇ ଦିନ ଧରି ମୁକ୍ତମଞ୍ଚ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ମହାରାଜ ତଥା ଆଇନଜୀବୀ ଅମୃତ ଦାସ ନାଟ୍ୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଚଟୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କୁଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ବିକ୍ରମ କେଶରୀ ରାଉତ, ମୁଖ୍ୟ ବକ୍ତାଭାବେ କୁଜଙ୍ଗ ଓକିଲ ସଂଘ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ବିଭୁରଞ୍ଜନ ଦାଶ,ନାରିନେତ୍ରୀ କଳ୍ପନା ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ନଟବର ବାରିକ, ପୂର୍ବତନ ସମିତିସଭ୍ୟ ନକୁଳ ନାୟକ ପ୍ରମୁଖ ଯୋଗଦେଇଥିଲେ। ମୁକ୍ତମଞ୍ଚ ନାଟକର ପ୍ରଥମ ରଜନୀରେ ନଟବର ବାରିକଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ 'କାନ୍ଦେନା ଲୁହ ସରିଯିବ' ଓ ଦ୍ୱିତୀୟ ରଜନୀରେ 'କଟି କଟି ଡବଲ କଟି' ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ବହୁ ହଜାର ଜନସମାଗମ ହୋଇଥିଲା। ପୋଖରିଆପଡା ପଞ୍ଚୀରକଟା ଓ ଜଗନ୍ନାଥପୁର ଗ୍ରାମର ସମସ୍ତ ଗ୍ରାମବାସୀ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିଥିଲେ।

## ସିରିଜ୍ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

ରସୁଲପୁର,୭।୩(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର କୁଆଖିଆ ଛକ ନିକଟରେ ଶନିବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ପ୍ରଥମେ କାର ଓଡି୦୨ଡିକେ୧୩୪୫କୁ ଏକ ଟ୍ରକ୍ ଧକ୍କା ଦେଇଛି। ଫଳରେ କାରଟି ଭାରସାମ୍ୟ ହରାଇ ସମ୍ମୁଖ ଭାଗରୁ ଆସୁଥିବା ଅନ୍ୟ ଏକ କାର୍ ଓଡି୦୨ଡିକେ-୧୩୪୫କୁ ଧକ୍କା ଦେବାରୁ କାରରେ ବସିଥିବା ୫ଜଣଙ୍କ ମଧ୍ୟରୁ ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟ ୪ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତ ବ୍ୟକ୍ତି ହେଲେ କେନ୍ଦୁଝର ଜିଲା କୁରଙ୍ଗ ଅଞ୍ଚଳର ସୁବାସ ଚନ୍ଦ୍ର ସାହୁ(୯୦)। ଗୁରୁତର ହେଲେ ମୃତ ବ୍ୟକ୍ତିଙ୍କ ବୋହୂ ସଞ୍ଜୁବାଳା ସାହୁ(୪୫), ନାତୁଣି ପରିତୃପ୍ତି ସାହୁ((୨୦), ପୁଅ ବିଜୟ ସାହୁ(୫୨) ଓ ଚନ୍ଦ୍ରମଣି ସାହୁ(୪୮)। କଟକ ସହରସ୍ଥିତ ଏକ ରିସର୍ଟରୁ ବିବାହ କାର୍ଯ୍ୟ ସାରି ଏହି ପରିବାର କାର ସହାୟତାରେ କେନ୍ଦୁଝର ଜିଲା ଅଭିମୁଖେ ଯାଉଥିବାବେଳେ କୁଆଖିଆ ଠାରେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। କୁଆଖିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତ କରିଛି।

## ଏଲ୍‌ପିଜି ଦର ବୃଦ୍ଧି, କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ


ଟାଉନହଲ ସମ୍ମୁଖରେ ଜିଲା ମହିଳା କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ଜଗତ୍‌ସିଂହପୁର, ୭।୩
(ପ୍ରମୋଦ କୁମାର ନାୟକ)

ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି ଓ ବିବାଦୀୟ ଏପ୍‌ଷ୍ଟିନ ଫାଇଲରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ନାମ ଆସିବା ସାରା ଦେଶ ପାଇଁ ଲଜ୍ଜାର ବିଷୟ। ଏହାକୁ କଂଗ୍ରେସ ତୀବ୍ର ନିନ୍ଦା କରିବା ସହ ଦର ବୃଦ୍ଧି ପ୍ରତ୍ୟାହାର ଓ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶେଷରେ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ରାଜ୍ୟ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ମହିଳା କଂଗ୍ରେସ ପକ୍ଷରୁ ନାରୀନେତ୍ରୀ ସରସ୍ୱତୀ ସାହୁଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ ପ୍ରମୁଖ ଯୋଗଦେଇ କେନ୍ଦ୍ରମନ୍ତ୍ରୀଙ୍କୁ ଗିରଫ କରିବା ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କଂଗ୍ରେସ ଉପ ସଭାପତି ପ୍ରତିମା ମଲ୍ଲିକ, ନାରୀ ନେତ୍ରୀ ଶ୍ରେୟାସ୍ମିତା ପଣ୍ଡା, ବିଶ୍ୱକଲ୍ୟାଣୀ କର, ଦୀପ୍ତିରାଣୀ ପ୍ରଧାନ ଓ ଜଗତ୍‌ସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ରଙ୍କ ସମେତ ଅନ୍ୟ କଂଗ୍ରେସ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ ଶାସ୍ତ୍ରୀ ୩ୟ ବର୍ଷ ପିଲାଙ୍କ ବିଦାୟ ସମ୍ବର୍ଦ୍ଧନା ସଭା


ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ରାଜନଗର, ୭।୩ ( ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଶାସ୍ତ୍ରୀ ୩ୟବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ଅଭିଳାସିତ ପଥରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅତୁଲ କୁମାର ବଳଙ୍କ ଅମର ଆତ୍ମା ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଶାସ୍ତ୍ରୀ ଛାତ୍ରୀଛାତ୍ରମାନେ ନିଜର ଅନୁଭୂତି ବଖାଣି ଭାବବିହ୍ୱଳ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଭଲ ମଣିଷ ହୋଇ ମହାବିଦ୍ୟାଳୟର ନା ରଖିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅରୁଣ କୁମାର ରାଉତ, ଜଗବନ୍ଧୁ ବେହେରା, ରବିନାରାୟଣ ଦାସ, ଦୟାନିଧି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ

ରାଜକନିକା, ୭।୩ (ସଞ୍ଜୟ କୁମାର ଦାଶ )

ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ବ୍ଲକସ୍ତରୀୟ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଳିକ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହାସହ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାର ଡା. ବାଦଲ କୁମାର ମହାନ୍ତି, ବିଏଚଇଓ ତୃପ୍ତି ରାଉତ, ବିପିଏମ ବିଶ୍ୱରଞ୍ଜନ ଜେନା, ବିଡିଏମ ସୌରଭ କୁମାର ରାଉତ,ବିଏମ ସୁବାଶିଷ ପଣ୍ଡା, ଏମଆରଏ ଶୁଭ୍ରଜ୍ୟୋତି ବେହେରା ପ୍ରମୁଖ ଉପସ୍ଥିତ ରହି ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷିତ ରହିବାକୁ ୧୪ ବର୍ଷ କିଶୋରୀମାନଙ୍କୁ ସରକାର ମାଗଣା ଟିକାକରଣ କରିବା ଦ୍ୱାରା ସେମାନେ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ସୁପରଭାଇଜର ପ୍ରମିଳା ମଙ୍ଗୁଆଳଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ୩୫ଜଣ କିଶୋରୀଙ୍କୁ ଟିକାକରଣ କରାଯାଇଥିଲା। ଏତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆରମ୍ଭ ହୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦିଆଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମହାନ୍ତି କହିଛନ୍ତି।



ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ କରାଯାଉଛି।

## କଲେଜ ଛକରେ ହେବ ଅଟଳ ବିହାରୀ ବାଜପେୟୀ ପାର୍କ

ଜଗତ୍‌ସିଂହପୁର, ୭।୩ (ପ୍ରମୋଦ କୁମାର ନାୟକ)

**ଶ୍ମଶାନରେ ରହିବ ସୋଲାର ବିଦ୍ୟୁତ୍ ଚୁଲା**

ଦୀର୍ଘବର୍ଷ ଧରି ଜଗତ୍‌ସିଂହପୁର ସହରରେ ବୈଦ୍ୟୁତିକ ଚୁଲା ଥିବା ଶ୍ମଶାନ ପାଇଁ ଦାବି ହୋଇ ଆସୁଥିଲା। ସୌଭାଗ୍ୟ ତାହା ସଫଳ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ସହରୀକରଣ ଯୋଜନାରେ ସ୍ଥାନୀୟ କଲେଜ ଛକ ନିକଟ ଶ୍ମଶାନରେ ଏହି ପ୍ରକଳ୍ପ ଅନ୍ତର୍ଭୁକ୍ତ ହୋଇଛି। ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ୨୫ ଲକ୍ଷ ଟଙ୍କା ଅନୁମୋଦନ ଲାଭ କରିଛି। ସୂର୍ଯ୍ୟ ଆଲୋକ (ସୋଲାର)ରୁ ବିଦ୍ୟୁତ ସଂଗ୍ରହ କରାଯାଇ ଚୁଲା ମାଧ୍ୟମରେ ଶବଦାହ କରାଯିବା ସହଜ ହୋଇପାରିବ ବୋଲି ଜଣାଯାଇଛି। ସେହିପରି ଏହା ନିକଟ ପାର୍କର ନବ କଳେବର ହେବାକୁ ଯାଉଛି। ୧ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଯାଉଥିବା ଅଟଳ ବିହାରୀ ବାଜପେୟୀ ପାର୍କ ପାଇଁ ୮୬,୪୯,୫୦୦ ଟଙ୍କା ଅନୁମୋଦନ ଲାଭ କରିଛି। ଏହା ଜଗତ୍‌ସିଂହପୁରବାସୀଙ୍କ ମନରେ ଖୁସି ଆଣି ଦେଇଛି।

ପ୍ରକାଶ ଯେ, ସ୍ଥାନୀୟ କଲେଜ ଛକର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧ ସପ୍ତାହ ପୂର୍ବରୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉଦ୍ୟମ ଆରମ୍ଭ କରିଛନ୍ତି। ସେ ପ୍ରଶାସନିକ ଅଧିକାରୀଙ୍କୁ ଡାକି ଆଲୋଚନା କରିଥିଲେ। ଏହାପରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିକଟକୁ ପତ୍ର ମାଧ୍ୟମରେ ଉପରୋକ୍ତ ଦୁଇ ପ୍ରକଳ୍ପ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଏହି ପ୍ରକଳ୍ପ ଦ୍ୱୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି।

## ସମସ୍ତ ବର୍ଗର ମାନବିକ ଅଧିକାର ସୁନିଶ୍ଚିତ ହେବା ଦରକାର

ତିର୍ତ୍ତୋଲ, ୭।୩ (ଗୌରାଙ୍ଗ ଚରଣ ସାଇଁ)

ସମସ୍ତ ବର୍ଗର ଜନସାଧାରଣଙ୍କୁ ମାନବିକ ଅଧିକାରର ସୁରକ୍ଷା ସହ ସେମାନଙ୍କୁ ସାମାଜିକ ନ୍ୟାୟ ମିଳିଲେ ସମାଜରେ ସମାନତା ଆସିପାରିବ। ତେଣୁ ମାନବିକ ଅଧିକାର ଅନୁଷ୍ଠାନ ସମସ୍ତଙ୍କୁ ମାନବିକ ଅଧିକାର ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କ ମାନବ ଅଧିକାର ସୁନିଶ୍ଚିତ ହେବା ଦରକାର। ତିର୍ତ୍ତୋଲ ବ୍ଲକ କନକପୁର ପ୍ରସିଦ୍ଧ ମା' ଶାରଳାଙ୍କ ପୀଠରେ ଜାତୀୟ ମାନବିକ ଅଧିକାର ସାମାଜିକ ନ୍ୟାୟ ପରିଷଦ ଜଗତସିଂହପୁର ଜିଲା ଶାଖା ପକ୍ଷରୁ ଆୟୋଜିତ କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଜିଲା ସଭାପତି ଖବରଦାତା ଚନ୍ଦ୍ରକାନ୍ତ ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଅଧ୍ୟକ୍ଷା ଡ. ସ୍ୱର୍ଣ୍ଣମୟୀ ରାଉତ, ରାଜ୍ୟ ମୁଖ୍ୟ ଉପଦେଷ୍ଟା ଡ. ସୌଦାମିନୀ ଦାଶ, ରାଜ୍ୟ ଆଇନ ପରାମର୍ଶଦାତା ଆଇନଜୀବୀ ସସ୍ମିତା ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ହିମାଂଶୁ ମାନସିଂଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାର ପଦାଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ ସମସ୍ତ ସଦସ୍ୟଙ୍କୁ ଅତିଥିମାନେ ସେମାନଙ୍କ ପରିଚୟପତ୍ର ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ଜିଲାର ୭୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ। ଜିଲାସ୍ତରୀୟ ସଦସ୍ୟମାନଙ୍କୁ ଏହି ଅବସରରେ ଉଚିତ ମାର୍ଗଦର୍ଶନ ଦିଆଯିବା ସହ ମାନବ ଅଧିକାର ସମ୍ପର୍କିତ ନିୟମଗୁଡିକ ଲାଗି ଶପଥ ପାଠ କରାଯାଇଥିଲା।


କର୍ମଶାଳାରେ ଯୋଗ ଦେଇଥିବା ଜାତୀୟ ମାନବିକ ଅଧିକାର ସାମାଜିକ ନ୍ୟାୟ ପରିଷଦର ସଦସ୍ୟମାନେ।

## ଭୋଟରଙ୍କୁ ଦଳ ସହ ଯୋଡ଼ିବା ଉପରେ ଗୁରୁତ୍ୱାରୋପ

**ଜିଲା କଂଗ୍ରେସ କମିଟି ନୂତନ କର୍ମକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର**

ଜଗତ୍‌ସିଂହପୁର, ୭।୩ (ପ୍ରମୋଦ କୁମାର ନାୟକ)


ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା କଂଗ୍ରେସ କର୍ମୀମାନେ।

ତୃଣମୂଳସ୍ତରରୁ ଭୋଟରଙ୍କୁ ଦଳ ସହ ଯୋଡିବା ପାଇଁ ପ୍ରକ୍ରିୟା ଜୋରଦାର କରାଯିବା ଉଚିତ। ସବୁ ବର୍ଗର ଭୋଟରଙ୍କ ପାଖରେ ଦଳ ଓ ପ୍ରାର୍ଥୀଙ୍କର ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ ସୂଚନା ରହିବା ଆବଶ୍ୟକ। ଭୋଟରଙ୍କ ପାଖରେ ଠିକ ଢଙ୍ଗରେ ସବୁକଥା ଉପସ୍ଥାପନ କରାଯାଇ ପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଶନିବାର ସ୍ଥାନୀୟ ସାରଦା ମଣ୍ଡପ ପରିସରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଏହା କୁହାଯାଇଛି। ନୂଆକରି ଜିଲା କମିଟିରେ ସ୍ଥାନ ପାଇଥିବା ପଦାଧିକାରୀ, ବ୍ଲକ ଓ ପୌରପାଳିକାର ନୂତନ ସଭାପତିମାନଙ୍କୁ ସମ୍ବର୍ଦ୍ଧନା ସହ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପାଇଁ ଅନୁଷ୍ଠିତ ଶିବିରରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ନୂଆ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ ସହ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ଦଳକୁ କ୍ରିୟାଶୀଳ କରିବା ପାଇଁ ପ୍ରସଙ୍ଗଗୁଡ଼ିକର ବ୍ୟାପକ ପ୍ରଚାର ସାଙ୍ଗକୁ ବୁଥସ୍ତରୀୟ ଏଜେଣ୍ଟମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ମାଇକ୍ରୋ, ମାକ୍ରୋ ନିର୍ବାଚନ ପରିଚାଳନା, ନିର୍ବାଚନ ସମୟରେ ବୁଥ୍ ପରିଚାଳନା, ଭୋଟରଙ୍କୁ ଆକର୍ଷିତ କରିବା ଓ ବୁଥ୍ ଏଜେଣ୍ଟମାନେ ସେମାନଙ୍କ ଦାୟିତ୍ୱ କିପରି ଠିକ ଭାବେ ସମ୍ପାଦନ କରିପାରିବେ ତା'ଉପରେ ଜିଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବା ସହ କଂଗ୍ରେସର ବିଭିନ୍ନ ସାମ୍ମୁଖ୍ୟ ସଙ୍ଗଠନର କାର୍ଯ୍ୟକ୍ରମଗୁଡିକୁ ତଦାରଖ କରିବା ପାଇଁ ଦାୟିତ୍ୱ ବଣ୍ଟା ଯାଇଥିଲା। ବ୍ଲକ ସଭାପତି ଚୟନ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ବାଲିକୁଦା ବ୍ଲକର ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜିଲା କମିଟିର ବରିଷ୍ଠ ଉପ ସଭାପତି ରାଜ କିଶୋର ସାହୁ ଓ କୁଜଙ୍ଗ ବ୍ଲକ ନିମନ୍ତେ ଉପ ସଭାପତି ଅଶ୍ୱିନୀ ସ୍ୱାଇଁଙ୍କୁ ସାମୂହିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଶିବିରରେ ଓପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ରାଜ୍ୟ ମହିଳା କଂଗ୍ରେସ ଉପ ସଭାପତି ପ୍ରତିମା ମଲ୍ଲିକ, ପୂର୍ବତନ ପିସିସି ସମ୍ପାଦକ ଅଜୟ ମହାପାତ୍ର, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଦୀପ୍ତିରାଣୀ ପ୍ରଧାନ, ଜିଲା କଂଗ୍ରେସ ଉପ ସଭାପତି ଦ୍ୱିଜରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ କ୍ଷତିପୂରଣ ନ ଦେଇ ୧୨ କୋଟି ପ୍ରିମିୟମ ନେବା ପରେ ରୋଷର ଶିକାର

## ବୀମା କମ୍ପାନୀ ଉପରେ ବର୍ଷିଲେ ଦିଶା କମିଟି ଅଧ୍ୟକ୍ଷ

ନୟାଗଡ଼,୭।୩(ଲୋକନାଥ ମିଶ୍ର)



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଜିଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ବୈଠକ (ଜିଲା ଉନ୍ନୟନ କୋର୍ଡିନେସନ ଆଣ୍ଡ ମନିଟରିଂ କମିଟି)/(ଦିଶା) ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କମିଟି ଅଧ୍ୟକ୍ଷ କଟକ ଏମପି ଭର୍ତ୍ତୃହରୀ ମହତାବ ଏଥିରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ମଧୁମିତା ରଥ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ୍ ପ୍ରମୁଖ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନରୁ ସମୀକ୍ଷା ଆରମ୍ଭ ହୋଇଥିଲା। ଦିଶା କମିଟି ଅଧ୍ୟକ୍ଷ ଭର୍ତ୍ତୃହରି ମହତାବ ଯୁକ୍ତି ବାଢ଼ିଥିଲେ ନୟାଗଡ଼ ଜିଲାରୁ ବୀମା କମ୍ପାନୀ ଦୁଇ ବର୍ଷରେ ୧୨ କୋଟି ପ୍ରିମିୟମ ରାଶି ନେଇଥିଲେ ମଧ୍ୟ ଚାଷୀଙ୍କୁ କ୍ଷତିପୂରଣ ଦେଲା ନାହିଁକି କାହିଁକି। ଚାଷୀ କ୍ଷତିରେ ପଡି ଅଭିଶପ୍ତ ଜୀବନଯାପନ କରୁଥିବାବେଳେ ବୀମା କମ୍ପାନୀ ଟଙ୍କା ଏପରି ନେଲେ ଆଉ କେହି ଚାଷୀ ବୀମା କରିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ।

ଜିଲାରେ କେତେ ଚାଷୀ ୨୦୨୪-୨୫ ଓ ୨୦୨୫-୨୬ରେ ବୀମା କରିଛନ୍ତି ଓ କେତେ କ୍ଷତି ପୂରଣ ପାଇଛନ୍ତି । ଫସଲ କ୍ଷତି ସମୟରେ କିପରି ତଦନ୍ତ କରାଯାଉଛି ଓ କିଏ କରୁଛି, ଗୃହକୁ ଦିଆ ଯାଇଥିବା ରିପୋର୍ଟରେ କାହିଁକି ଚାଷୀଙ୍କ ନାଁ ଜଣା ନାହିଁ ଲେଖା ଯାଇଛି ସେ ନେଇ କ୍ଷୋଭ ପ୍ରକାଶ କରିଥିଲେ । ପୁଣି ବୀମା କମ୍ପାନୀ କାହିଁକି ଠିକ୍ ତଥ୍ୟ ଗୃହରେ ଉପସ୍ଥାପନ କରିପାରୁ ନାହିଁ ପରି ବିଭିନ୍ନ ପ୍ରଶ୍ନ ପଚାରିଥିଲେ।

ସେହିପରି ଫସଲ ନଷ୍ଟ ହେଲେ ନାଁ ପଞ୍ଜୀକରଣ କରିବାରେ ଚାଷୀ ହଇରାଣ ହେବା, ବୀମା କମ୍ପାନୀ ପକ୍ଷରୁ କ୍ଷୟକ୍ଷତିର ଠିକ୍ ଆକଳନ କରାନଯିବା, ଜମିରୁ ଫସଲ ଉଠିବା ପରେ ତଦନ୍ତ କରାଯିବା ପରି ଗୃହରେ ଅନ୍ୟ ସଭ୍ୟମାନେ ମଧ୍ୟ ବିଭିନ୍ନ ପ୍ରଶ୍ନ କରି ବୀମା କମ୍ପାନୀ ଓ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଅପଦସ୍ତ କରି ପକାଇଥିଲେ। ଜିଲାପାଳ ଏହାର ତଦନ୍ତ କରି ଚାଷୀ କିଭଳି ଉପକୃତ ହେବେ ସେନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସୂର୍ଯ୍ୟଘର ଯୋଜନାରେ ଠିକ୍‌ଭାବେ ସଚେତନତା କରାଯାଉ ନାହିଁ । ସୂର୍ଯ୍ୟଘର ଯୋଜନାର ୟୁନିଟ କଷ୍ଟ ଓ ସବ୍‌ସିଡ୍ ଉପରେ ଯେଉଁ ତଥ୍ୟ ଓପିଟିସିଏଲ ନିର୍ବାହୀ ଯନ୍ତ୍ରୀ ଦେଇ ଥିଲେ ସେଥିରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଓରେଡା ପକ୍ଷରୁ ୩ଟି ସ୍କୁଲକୁ ସୋଲାର ଲାଇଟ୍ ସଯୋଗୀକରଣ, ଜିଲା ଶିଳ୍ପ କେନ୍ଦ୍ରର ପିଏମ୍‌ଇଜିପି ଋଣ ମଞ୍ଜୁର, ଲକ୍ଷପତି ଦିଦି ବିଷୟରେ ଆଲୋଚନା ହୋଇଥିଲା। ଜୟ ରାମ୍‌ଜୀ ଯୋଜନାର ଜବ୍‌କାର୍ଡ ବିଷୟରେ ସମୀକ୍ଷା କରାଯାଇଥିଲା ।

### ୭୦୫ କୋଟି ବ୍ୟୟ ସତ୍ତ୍ୱେ ମେଗା ପ୍ରକଳ୍ପରୁ ମିଳୁନି ପାଣି

୫୩୧ କୋଟି ରୁ ୭୦୫ କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୋକେ ପାଣି ପାଉ ନାହାନ୍ତି । ୨୦୧୯ରୁ ଭାପୁର ବ୍ଲକ ପଦ୍ମାବତୀଠାରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲେ ମଧ୍ୟ ଶେଷ ହେଉନି । କେବେ ପାଣି ଘରକୁ ଆସିବ ବୋଲି ଲୋକ ବାରମ୍ବାର ପଚାରୁଥିବା ସଭ୍ୟମାନେ କ୍ଷୋଭର ସହ କହିଥିଲେ । ୨୦୨୫ରେ ମେଗା ପ୍ରକଳ୍ପର କାର୍ଯ୍ୟ ଶେଷ ହେବାର ରହିଥିଲେ ମଧ୍ୟ କାମ ଶେଷ ହୋଇ ପାରିଲାନି। ପୁଣି ୨୦୨୬ ଡିସେମ୍ବର ୩୧ରେ ଘରକୁ ପାଣି ଆସିବ ବୋଲି ଅରଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି। ତେବେ ଗଣିଆ ବ୍ଲକ ଅଞ୍ଚଳରେ ବନବିଭାଗର ଅନୁମତି ମିଳିନଥିବାରୁ ଇଣ୍ଟେକ୍ ୱେଲ ହୋଇ ପାରୁ ନ ଥିବା କୁହାଯାଇଥିଲା ।

### ଆଲୋଚନା ହୋଇ ନ ପାରିବାରୁ ବୃତଙ୍ଗ ଯନ୍ତ୍ରୀଙ୍କୁ ଯିବ ନୋଟିସ୍

ବୃତଙ୍ଗ ଜଳସେଚନ ପ୍ରକଳ୍ପ ନୟାଗଡ଼ ଜିଲା ପାଇଁ ଜୀବନ ଜୀବୀକା ହୋଇଥିବାବେଳେ ନିର୍ବାହୀଯନ୍ତ୍ରୀଙ୍କ ଅନୁପସ୍ଥିତି ନେଇ ବୈଠକରେ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକଳ୍ପ ଯୋଗୁ ଦଶପଲ୍ଲା ଅଞ୍ଚଳର ୧୧ ଟି ଗାଁ ସମ୍ପୂର୍ଣ୍ଣ ବୁଡି ଯାଉଥିବାବେଳେ ୧୦ଟି ଗାଁ ଅଂଶିକ କ୍ଷତିଗସ୍ତ ହେବ । ଥଇଥାନ ପ୍ୟାକେଜ ଉପରେ ପ୍ରଶ୍ନ ଉଠାଇ ବିସ୍ଥାପିତ ମଞ୍ଚ ପକ୍ଷରୁ ୨ଟି ସମାବେଶ ହୋଇ ସାରିଲାଣି ବୋଲି ସମ୍ପୃକ୍ତ ପ୍ରସଙ୍ଗ ଉପରେ ସଭ୍ୟ ହରିଶ୍ଚନ୍ଦ୍ର ଜାନୀ ପ୍ରଶ୍ନ ଉଠାଇ ଭିଟାମାଟି ହରାଉଥିବା ପରିବାରକୁ ଠିକ୍ କ୍ଷତିପୂରଣ ଓ ଥଇଥାନ କରିବାକୁ ଗୃହରେ ଅନୁରୋଧ କରିଥିଲେ। ବୈଠକରେ ବିନା କାରଣରେ ଅନୁପସ୍ଥିତ ରହିବାରୁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ କାରଣଦର୍ଶାଅ ନୋଟିସ୍ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସଭ୍ୟ ରାମେଶ୍ୱର ଶତପଥି କହିବା ପରେ ପ୍ରସ୍ତାବ ଗୃହୀତ ହୋଇଛି । କନ୍ଧମାଳ ଏମ୍‌ପି କହିଥିଲେ ବୃତଙ୍ଗ ପ୍ରକଳ୍ପକୁ ବିରୋଧ ନ କରି ଏହା କିପରି ଶୀଘ୍ର କାର୍ଯ୍ୟ ଶେଷ କରିବ ସେନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ।

### ଚୌକି ଖାଲି, ଜିଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ

ଦିଶା ପରି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଆସୁ ନ ଥିବା ବୈଠକରେ ଆଲୋଚନା ହୋଇଥିଲା। ଏଭଳିସ୍ଥଳେ ଚୌକିଖାଲିଥିବା ସରକାରୀ ଅଧିକାରୀଙ୍କ ଅନୁପସ୍ଥିତିକୁ ପ୍ରମାଣ କରିଥିଲା। ଅଧ୍ୟକ୍ଷ କହିଥିଲେ ପୁରୀ ଏମ୍‌ପି ବୈଠକ ନେଇ ଜାଣି ନ ଥିବା କହିଥିଲେ । ବୈଠକ ହେବ କି ନାଁ ବାଚସ୍ପତି ପଚାରୁଥିଲେ ବୋଲି ସୂଚନା ଦେଇଥିଲେ । ନୟାଗଡ଼ ଏସିଏଫ କହିଥିଲେ, ବନବିଭାଗ ସୂଚନା ନ ପାଇ ମଧ୍ୟ ବୈଠକକୁ ପ୍ରତିନିଧି ପଠାଇଛି । ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କର ବସିବା ପାଇଁ ସ୍ଥାନ ସଂରକ୍ଷଣ କରାଯାଇ ନ ଥିଲା। ଫଳରେ ସେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ । ରଣପୁର ରେଞ୍ଜ ଖୋର୍ଦ୍ଧା ବନଖଣ୍ଡରେ ରହିଥିବାବେଳେ ଖୋର୍ଦ୍ଧା ଡିଏଫଓ ଅନୁପସ୍ଥିତ ଥିଲେ । ପୁଣି ରଣପୁର ଓ ସୁନାଖଳା ବାଲୁଗାଁ ଓ ଖୋର୍ଦ୍ଧା ବିଦ୍ୟୁତ୍ ଡିଭିଜନ ଅଧିନରେ ଥିବାବେଳେ ଏହାର ଯନ୍ତ୍ରୀ ଆସି ନ ଥିବା ପ୍ରସଙ୍ଗ ଆଲୋଚନା ହୋଇଥିଲା ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ


ମଞ୍ଚାସୀନ ଅତିଥି ବୃନ୍ଦ ।

ଦଶପଲ୍ଲା, ୭।୩( ପ୍ରକାଶ କୁମାର ପାଣି)

ଦଶପଲ୍ଲା ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ଜେଏମ୍‌ଏଫସି ଦେବମାଳିନୀ ଐଶ୍ୱରୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ହାଡ଼ିବନ୍ଧୁ ସାହୁ,ସୌଦାମିନି ସାହୁ, ଶରତ ଚନ୍ଦ୍ର ବେହେରା,ବୀରେନ୍ଦ୍ର କୁମାର ନାୟକ, ବେଣୁଧର ନାଏକ ଓ ସାମାଜିକ କର୍ମୀ ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆନ୍ତର୍ଜାତୀୟ ମହିଳା ଦିବସ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ପ୍ରାଚୀନ ଇତିହାସ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଉଲେଖନୀୟ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିବା ବେଳେ ଆନ୍ତର୍ଜାତୀୟ ମହିଳା ଦିବସର ଲକ୍ଷ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଇନିଜୀବୀ ଆଲୋକ ସେନାପତି ଚଳିତବର୍ଷ ଆନ୍ତର୍ଜାତୀୟ ମହିଳା ଦିବସର ଥିମ ଗିଭ ଟୁ ଗେନ ବା ଦାନ କରନ୍ତୁ ଲାଭ ପାଆନ୍ତୁ ଅର୍ଥାତ ମହିଳାମାନଙ୍କ ପ୍ରତି ଉଦାରତା ଓ ସହଯୋଗୀତାର ମାନବିକତାକୁ ପ୍ରୋତ୍ସାହିତ କରିବା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ମହିଳାମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ଆଇନ ଓ ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସଭାରେ ଯୋଗ ଦେଇଥିବା ପାରା ଲିଗଲ ସ୍ୱେଚ୍ଛାସେବୀମାନେ ମହିଳାମାନଙ୍କ ଶିକ୍ଷା,ଭ୍ରୁଣ ହତ୍ୟା ସମ୍ପର୍କରେ ବକ୍ତବ୍ୟ ରଖି ସଚେତନ କରିଥିଲେ। ସଭାକୁ ବିଚାରପତିଙ୍କ ଅନୁମୋଦନ କ୍ରମେ ଆଇନିଜୀବୀ ଆଲୋକ ସେନାପତି ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ପିଏଲଭି, ମହିଳା ଗୋଷ୍ଠୀ ସହ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ

ନୟାଗଡ଼, ୭।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ପ୍ରସିଦ୍ଧ ସ୍ୱର୍ଣ୍ଣ କଳସ କ୍ଷେତ୍ର ଓଡ଼ଗାଁ ସ୍ଥିତ ବିଜେ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଶ୍ରୀ ରାମ ନବମୀ ଯାତ୍ରା ଚଳିତ ମାସ ୨୭ ତାରିଖ ଶୁକ୍ରବାରଠାରୁ ଏପ୍ରିଲ ୭ ପର୍ଯ୍ୟନ୍ତ ୯ ଦିନ ଧରି ଅନୁଷ୍ଠିତ ହେବ । ଏ ଅବସରରେ ପ୍ରସ୍ତୁତି ବୈଠକ ଓଡ଼ଗାଁ ପଞ୍ଚାୟତ ସମିତି ସଭାଗୃହରେ ଉପଜିଲାପାଳ କର୍ଣ୍ଣ ଦେବ ସମାଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ତହସିଲଦାର ମାନସ ରଞ୍ଜନ ଭୋଇ, ବିଡ଼ିଓ ପ୍ରୀତିବାଳା ରଣା, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଏବଂ ଓଡ଼ଗାଁ ଆଦର୍ଶ ଥାନାର ଆଇଆଇସି ସତ୍ୟନାରାୟଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଶ୍ରୀ ରାମ ନବମୀ ଯାତ୍ରା ଯେଭଳି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ ସେଥିପାଇଁ ୧୭ ଜଣ ସଦସ୍ୟ ବିଶିଷ୍ଟ ଏକ ଶାନ୍ତି କମିଟି ଗଠନ କରାଯାଇଛି। କମିଟି ଶ୍ରୀରାମ ନବମୀ ଯାତ୍ରା ଉପଲକ୍ଷେ ଶୃଙ୍ଖଳା,ଯାତ୍ରୀମାନଙ୍କ ସୁବିଧା ଓ ସମସ୍ୟାର ଆଶୁ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି। ପ୍ରତ୍ୟହ ସଂଧ୍ୟା ୬ ଟାରୁ ରାତ୍ର ୧୧ ଟା ପର୍ଯ୍ୟନ୍ତ ସର୍ବସାଧାରଣ ଠାକୁରଙ୍କ ବେଶ ଦର୍ଶନ କରିପାରିବେ। ତେବେ ସୀତା ବିବାହ ୩୧ ତାରିଖ ମଙ୍ଗଳବାର ସଂଧ୍ୟା ୬ ଟାଠାରୁ ରାତ୍ର ୨ ଟା ପର୍ଯ୍ୟନ୍ତ ସର୍ବସାଧାରଣ ଠାକୁରଙ୍କ ବେଶ ଦର୍ଶନ କରିବା ପାଇଁ ସ୍ଥିର କରାଯାଇଛି। ଶ୍ରୀ ରାମ ନବମୀ ଯାତ୍ରା ଉପଲକ୍ଷେ ରଘୁନାଥ ଜୀଉଙ୍କ ମନ୍ଦିର ଭିତରେ ପାନୀୟ ଜଳ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଶୌଚାଳୟର ପରିଷ୍କାର ପରିଚ୍ଛନ୍ନତା ତଥା ଅସ୍ଥାୟୀ ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

# ଗଛକୁ ଧକ୍କାଦେଇ ବାଇକ୍ ଚାଳକ ମୃତ

ପାତ୍ରପୁର,୭।୩(ଉମା ଚରଣ ନେପାକ)

ଖାରିଆଗୁଡା ଫାଣ୍ଡି ଅନ୍ତର୍ଗତ ପଥରାଘାଇ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେ. ନୁଆଗାଁ ଥାନା ଅନ୍ତର୍ଗତ ଚୌଧୁରୀ ଟିକରପଡା ଗ୍ରାମର ଖଲି ସାହୁଙ୍କ ପୁଅ ନବୀନ ସାହୁ। ନବୀନ ପୁତୁରା ବାହାଘର ଗୁଆ ଦେବା ପାଇଁ ମନ୍ଦରଡା ଗ୍ରାମର ଭଉଣୀଙ୍କ ଘରକୁ ଯାଇ ଫେରିବା ସମୟରେ ପଥରାଘାଇ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଯାଇଥିଲେ। ଫଳରେ ସେ ଗୁରୁତର ହୋଇ ରାସ୍ତା କଡ଼ରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ତୁରନ୍ତ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଖାରିଆଗୁଡା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନବୀନଙ୍କୁ ମୃତ ଘୋଷଣା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିବା ଫାଣ୍ଡି ଅଧିକାରୀ ସମିର ଜୟସିଂହ କହିଛନ୍ତି।

# ଦୁବାଇରେ ଫସିଛନ୍ତି ୮ ପରିବାରର ୨୪ ସଦସ୍ୟ

ବ୍ରହ୍ମପୁର,୭।୩
(ଅଶୋକ କୁମାର ସାହୁ)

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ଲାଗି ରହିଛି। ଇରାନ ପକ୍ଷରୁ ଦୁବାଇ ଉପରେ ଘନ ଘନ ଆକ୍ରମଣ ହେଉଛି। ଏଭଳି ସ୍ଥିତିରେ ସେଠାରୁ ବିମାନ ସେବା ବନ୍ଦ ହୋଇଯାଇଛି। ଫଳରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୮ ପରିବାରର ୨୪ ସଦସ୍ୟ ଦୁବାଇରେ ଫସି ରହିଛନ୍ତି।ସେମାନଙ୍କୁ ନିରାପଦ ଫେରାଇ ଆଣିବାକୁ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିଛନ୍ତି। ସେ କହିଛନ୍ତି ଯେ, ଯୁଦ୍ଧ ପୂର୍ବରୁ ଗତ ମାସ ୨୫ ତାରିଖରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର କିଛି ବରିଷ୍ଠ ନାଗରିକ ଏବଂ ଶିଶୁଙ୍କ ସମେତ ଦୁବାଇ ଯାତ୍ରା କରିଥିଲେ। ସେମାନେ ଗତ ୨ ତାରିଖରେ ଇଣ୍ଡିଗୋ ଏୟାରଲାଇନ୍ସରେ ଭାରତ ଫେରିଥାନ୍ତେ। କିନ୍ତୁ ଆକାଶ ମାର୍ଗ ବନ୍ଦ ହୋଇଯାଇଥିବାରୁ ସେମାନେ ଫେରିବା ଅସମ୍ଭବ ହୋଇପଡିଛି। ଏନେଇ ସେ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିବା କହିଛନ୍ତି। ସେମାନେ ସେଠାରେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ସେମାନେ ବାରମ୍ବାର ସାଂସଦଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରୁଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଗଞ୍ଜାମ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ମାନସିକ ଚାପରେ ରହିଥିବା ସେହି ପରିବାର ଗୁଡ଼ିକ ସହିତ ସାଂସଦ ନିରନ୍ତର ସମ୍ପର୍କରେ ରହିଛନ୍ତି । ସେମାନଙ୍କୁ ଓଡ଼ିଶା ମାଟିକୁ ଫେରାଇ ଆଣିବା ପାଇଁ ସାଂସଦଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ମନିଟରିଂ ଡେସ୍କ କାର୍ଯ୍ୟ କରୁଥିବା ସେ କହିଛନ୍ତି।

# ସଂକୀର୍ତ୍ତନ ମହାରଥୀ ମଦନ ମୋହନ ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ


ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଯୋଗଦେଇଥିବା ଅତିଥି।

ଭାପୁର, ୭।୩(ପ୍ରଭାତ ବରାଡ)

ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ଗ୍ରାମର ପ୍ରସିଦ୍ଧ ବରିଷ୍ଠ ସଂକୀର୍ତ୍ତନ ଗାୟକ ତଥା ରାଜ୍ୟ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ସମ୍ପାଦକ ସ୍ୱର୍ଗତ ମଦନ ମୋହନ ଦାଶଙ୍କର ଦ୍ୱିତୀୟ ଶ୍ରଦ୍ଧବାର୍ଷିକୀ ଓ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁତ୍ର ଅଶୋକ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ ଯୋଗଦେଇ ସ୍ୱର୍ଗତ ମଦନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ଉପଦେଷ୍ଟା ଡ଼. ଗଣେଶ୍ୱର ସ୍ୱାଇଁ, ଶିକ୍ଷାବିତ୍ ରବୀନ୍ଦ୍ର ନାଥ ପଟ୍ଟନାୟକ, ଅଧ୍ୟାପକ ବେଣୁଧର ପ୍ରଧାନ, ବରିଷ୍ଠ ସଂକୀର୍ତନ ଗାୟକ ମହେଶ୍ୱର ଚୌଧୁରୀ ଓ ବ୍ରହ୍ମାନନ୍ଦ ଓଝା ପ୍ରମୁଖ ମଞ୍ଚାସୀନ ରହି ସ୍ମୃତି ଚାରଣ କରିଥିଲେ। ଅଧ୍ୟାପକ ସର୍ବେଶ୍ୱର ମହାରଣା ମଞ୍ଚ ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ସଂକୀର୍ତ୍ତନ ବାୟକ ଗୋଲଖ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୯୮ ଗଲେ ପୁରୀ


ଅତିଥିମାନେ ତୀର୍ଥଯାତ୍ରୀ ବସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ନୟାଗଡ଼, ୭।୩(ଲୋକନାଥ ମିଶ୍ର)

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ନୟାଗଡ଼ ଜିଲାର ୮ ବ୍ଲକରୁ ୯୮ ଶ୍ରୀଜଗନ୍ନାଥ ଦର୍ଶନାଭିଳାଷୀ ଶନିବାର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । କେବଳ ବରିଷ୍ଠ ନାଗରିକ ଏବଂ ବିଧବା ଭତ୍ତା ପାଉଥିବା ହିତାଧିକାରୀ ଏଥିରେ ସାମିଲ ହୋଇଛନ୍ତି। ପ୍ରଥମ ଦଫାରେ ଯେଉଁମାନେ ଯାଇ ପାରି ନାହାନ୍ତି ଦ୍ୱିତୀୟ ଥର ସେମାନଙ୍କୁ ଅଗ୍ରାଧିକାର ଦିଆଯିବାକୁ ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମକୁ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ପରିଚାଳକ ବିଭୁ ପ୍ରସାଦ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲା ପର୍ଯ୍ୟଟନ ଅଧିକାରୀ ସତ୍ୟଭାମା ବେହେରା ସ୍ୱାଗତ ଭାଷଣ ରଖିଥିଲେ। କନ୍ଧମାଳ ଏମ୍‌ପି ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ କହି ଜଗନ୍ନାଥ ଦର୍ଶନରେ ଯାଉଥିବା ତୀର୍ଥଯାତ୍ରୀ ମାନଙ୍କୁ ଯାତ୍ରାର ଶୁଭ ମନାସି ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମ ଓକିଲ ସଂଘ ନିର୍ବାଚନ, ପ୍ରଥମ ଦିନରେ ୮ ପ୍ରାର୍ଥୀଙ୍କ ନାମାଙ୍କନ

ବ୍ରହ୍ମପୁର ୭।୩(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଓକିଲ ସଂଘର ଚଳିତ ବର୍ଷର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପାଇଁ ଶନିବାର ପ୍ରଥମ ଦିନରେ ବିଭିନ୍ନ ପଦବୀ ପାଇଁ ୮ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ତିରୁମୁଲ ରେଡ୍ଡୀ, ରବୀନ୍ଦ୍ର ଦେଓ, ସମ୍ପାଦକ ପାଇଁ ଜଗନ୍ନାଥ ମିଶ୍ର, ଯୁଗ୍ମସମ୍ପାଦକ ପାଇଁ ମିରାବାଇ ପାଣିଗ୍ରାହୀ, ଉପ ସଭାପତି ପାଇଁ ସତ୍ୟନାରାୟଣ ବସନ୍ତିଆ, ଶ୍ରୀକାନ୍ତ ମହାପାତ୍ର, ସୀମାଞ୍ଚଳ ବିଷୋୟୀ ଓ ଅନିଲ ପଣ୍ଡା ନାମାଙ୍କନ ଦାଖଲ କରିଥିବା ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର କହିଛନ୍ତି। ଆସନ୍ତା ୯ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ୧୧ରେ ପ୍ରାର୍ଥୀପତ୍ର ଯାଞ୍ଚ, ୧୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୮ ସକାଳ ସାଢେ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ଅପରାହ୍ନ ୪ଟାରୁ ସଂଧ୍ୟା ମଧ୍ୟରେ ଭୋଟ ଗଣତି କରି ଫଳାଫଳ ଘୋଷଣା କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

# ରଘୁନାଥ କବାଡ଼ି ଏକାଡେମୀ ଚାମ୍ପିୟନ



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ।

ନୟାଗଡ଼, ୭।୩(ଲୋକନାଥ ମିଶ୍ର)

## ଜିଲାସ୍ତରୀୟ କବାଡି ପ୍ରତିଯୋଗିତା

ନୟାଗଡ଼ ଜିଲା ବିଶ୍ୱହିନ୍ଦୁ ପରିଷଦର ବଜରଙ୍ଗ ଦଳ ଆନୁକୂଲ୍ୟରେ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ଓଡ଼ଗାଁ ମିନି ଷ୍ଟାଡିୟମ୍‌ରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ରଘୁନାଥ କବାଡ଼ି ଏକାଡେମୀ ସହିତ କବାଡ଼ି ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କବାଡ଼ି ୱାରିୟରକୁ ହରାଇ ରଘୁନାଥ କବାଡ଼ି ଏକାଡେମୀ ଚାମ୍ପିୟନ ହୋଇଛି। ବିଭାଗ ସଂଯୋଜକ ନିତ୍ୟଜିତ ଚମ୍ପତି, ଓଡ଼ଗାଁ ପ୍ରଖଣ୍ଡ ସଂଯୋଜକ ମାନସ ରଞ୍ଜନ ସାହୁ, ଖୋର୍ଦ୍ଧା ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ବିକ୍ରମ ସାହୁ, ଓଡ଼ଗାଁ ପ୍ରଖଣ୍ଡ ସହ ସଂଯୋଜକ ସତ୍ୟଜିତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱୟଂ ବିଶ୍ୱଜିତ ସାହୁ ଏବଂ ଦେବିପ୍ରସାଦ ମ୍ୟାଚ ପରିଚାଳନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଖୋସାଲିପୁର-ସୁଭଦ୍ରାପୁର ଛକରେ ହେବ ଗଳିପୋଲ

**ଚଣ୍ଡିଖୋଲ/ବଡ଼ଚଣା,୭।୩(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**



ବିଧାୟକ ଓ ଅନ୍ୟମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଯାଜପୁର ଜିଲା ବଡ଼ଚଣା-ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାର ସଂଯୋଗୀକରଣସ୍ଥଳ ଖୋସାଲିପୁର-ସୁଭଦ୍ରାପୁର ଛକ ୫୩ନମ୍ବର ଜାତୀୟ ରାଜପଥଠାରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ପ୍ରଭାବିତ ହୋଇଛି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଏଠାରେ ଗଳିପୋଲ ନିର୍ମାଣ କରାଯିବ। ଶନିବାର ବିଧାୟକ ଅମର ନାୟକ ଜାତୀୟ ରାଜପଥ ୫୩ର ପ୍ରକଳ୍ପ ନିର୍ଦ୍ଦେଶକ କୁଳଦୀପ ସାଙ୍ଗରାଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହାପରେ ଭାଜପା ଜିଲା ଉପସଭାପତି ପ୍ରମୋଦ ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଉପଲବ୍ଧି କରି ପ୍ରକଳ୍ପ ନିର୍ଦ୍ଦେଶକ ସାଙ୍ଗରାଙ୍କୁ ଏହାର ଡିଜାଇନ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ବିଧାୟକ ଉପସ୍ଥିତ ଲୋକଙ୍କୁ ସମ୍ବୋଧନ କରି କହିଥିଲେ, ଆମ ଅଞ୍ଚଳରେ ଏଭଳି ଅନେକ ସମସ୍ୟା ଥିଲା, ତାହା ସମାଧାନ ହୋଇଛି। ଏଠାରେ ଏକ ଗଳିପୋଲ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ସହମତି ପ୍ରକାଶ କରିଥିଲେ। ଏହି ବୈଠକରେ ରାଜପଥ କନସଲଟାଣ୍ଟ ମନୋଜ କୁମାର, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ରାଜ୍ୟ ଟ୍ରକ ମାଲିକ ସଂଘ କୋଷାଧ୍ୟକ୍ଷ କୀର୍ତ୍ତିରାଜ ସ୍ୱାଇଁ, ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ମୃତ୍ୟୁଞ୍ଜୟ ଜେନା, ଅମରେଶ ଭୂୟାଁ, ଈଶ୍ୱର ଚନ୍ଦ୍ର ଗନ୍ତାୟତ, ନବୀନ ବାରିକ, ସତ୍ୟଜିତ ବଳ, ପ୍ରମୋଦ ଚନ୍ଦ୍ର ଜେନା, ଅଭୟ ସାହୁ, ପ୍ରମୋଦ ପୃଷ୍ଟି ଓ ପ୍ରତାପ ଗୋଛାୟତଙ୍କ ସହ ଶତାଧିକ ମହିଳା ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ। ଆଇନଜୀବୀ ହେମନ୍ତ ମହାଲା ଧନ୍ୟବାଦ ଦେଇଥିଲେ।

ଗଳି ପୋଲ ପାଇଁ ସ୍ଥାନୀୟ ଖୋସାଲିପୁର, ସୁଭଦ୍ରାପୁର ଓ ଚାରବାଟିଆ ଅଧିବାସୀ ଦୀର୍ଘଦିନ ହେବ ଦାବିକରି ଆସୁଥିଲେ। ପୂର୍ବରୁ ଏହି ରାଜପଥ ଦୁଇ ଥାକିଆ ଥିବାବେଳେ ଏବେ ଚାରିଥାକିଆ କାର୍ଯ୍ୟ ଜାରି ରହିଛି। ଶାଳପଡ଼ା, ସିହା, ସମିଆ, ଦର୍ପଣ, ଭୂଷଣ୍ଡପୁର ଆଦି ପଞ୍ଚାୟତ ଲୋକେ ତହସିଲ, ବ୍ଲକ ଓ ପୋଲିସ ଷ୍ଟେଶନକୁ ଦୈନିକ ଏହି ରାସ୍ତା ପାର ହୋଇ ଆସିଥାନ୍ତି। ଏଥିସହ ଚଣ୍ଡିଖୋଲ କଲେଜ, ସ୍କୁଲ, ମହାବିନାୟକ, ଚଣ୍ଡୀ ମନ୍ଦିର ଅନ୍ୟ ଗନ୍ତବ୍ୟସ୍ଥଳକୁ ଛାତ୍ରୀଛାତ୍ରଙ୍କ ସହ ସାଧାରଣ ଲୋକ ଯାତାୟାତ କରିଥାନ୍ତି। ରାସ୍ତା ପାର ହେବା ସମୟରେ ଅନେକ ଲୋକ ଦୁର୍ଘଟଣାଗ୍ରସ୍ତ ହୋଇ ଜୀବନ ହରାଇବା ସହ ଆହତ ହୋଇଥାନ୍ତି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଏକ ପ୍ରତିନିଧିମଣ୍ଡଳୀ ବିଧାୟକଙ୍କୁ ଭେଟି ଦାବି ଉପସ୍ଥାପନ କରିଥିଲେ।

# ସିରିଜ୍ ଦୁର୍ଘଟଣା: ଜଣେ ମୃତ, ୪ ଗୁରୁତର

**ରସୁଲପୁର,୭।୩(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର କୁଆଖିଆ ଛକ ନିକଟରେ ଶନିବାର ଏକ ସିରିଜ୍ ଦୁର୍ଘଟଣା ଘଟିଛି। ପ୍ରଥମେ କାର ଓଡି୦୨ଡିକେ୧୩୪୫କୁ ଏକ ଟ୍ରକ୍ ଧକ୍କା ଦେଇଛି। ଫଳରେ କାରଟି ଭାରସାମ୍ୟ ହରାଇ ସମ୍ମୁଖ ଭାଗରୁ ଆସୁଥିବା ଅନ୍ୟ ଏକ କାର୍ ଓଡି୦୨ଡିକେ-୧୩୪୫କୁ ଧକ୍କା ଦେବାରୁ କାରରେ ବସିଥିବା ୫ଜଣଙ୍କ ମଧ୍ୟରୁ ଜଣେ ବୃଦ୍ଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟ ୪ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତ ବ୍ୟକ୍ତି ହେଲେ କେନ୍ଦୁଝର ଜିଲା କୁରଙ୍ଗ ଅଞ୍ଚଳର ସୁବାସ ଚନ୍ଦ୍ର ସାହୁ(୯୦)। ଗୁରୁତର ହେଲେ ମୃତ ବ୍ୟକ୍ତିଙ୍କ ବୋହୂ ସଞ୍ଜୁବାଳା ସାହୁ(୪୫), ନାତୁଣି ପରିତୃପ୍ତି ସାହୁ((୨୦), ପୁଅ ବିଜୟ ସାହୁ(୫୨) ଓ ଚନ୍ଦ୍ରମଣି ସାହୁ(୪୮)। କଟକ ସହରସ୍ଥିତ ଏକ ରିସର୍ଟରୁ ବିବାହ କାର୍ଯ୍ୟ ସାରି ଏହି ପରିବାର କାର ସହାୟତାରେ କେନ୍ଦୁଝର ଜିଲା ଅଭିମୁଖେ ଯାଉଥିବାବେଳେ କୁଆଖିଆ ଠାରେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। କୁଆଖିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତ କରିଛି। ଏଥିସହ ଦୁର୍ଘଟଣା ସମ୍ପର୍କରେ ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ନମ୍ବର ୧୧୨/୨୬ରେ ଏକ ମାମଲା ରୁଜୁ କରିଛି। ଏଏସଆଇ ମନୋଜ କୁମାର ପରିଡ଼ା ଘଟଣାର ତଦନ୍ତ କରୁଛନ୍ତି।

# ଚଢ଼େଇଧରା କଲେଜରେ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ଚଢ଼େଇଧରା,୭।୩(ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଅଧୀନ ଚଢ଼େଇଧରା ଜଗନ୍ନାଥ ଜୀଉ ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବରେ ଶିକ୍ଷା ବିଭାଗ ଅଧ୍ୟାପକ ଅକ୍ଷୟ କୁମାର ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାମଲ ଦାୟିତ୍ୱ ନେବା ପରେ ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉକ୍ତ ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ରେ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେଣୁ ଆଗାମୀ ଦିନରେ ମହାବିଦ୍ୟାଳୟର କିପରି ଉନ୍ନତି ହେବ ଏବଂ ଛାତ୍ରୀଛାତ୍ର କିପରି ଭଲ ମଣିଷ ହେବେ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି।

# ଚଣ୍ଡିଖୋଲ ଏନ୍ଏସି ନିର୍ବାଚନ ନେଇ ଆଲୋଚନା




ବୈଠକରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

**ଚଣ୍ଡିଖୋଲ,୭।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

## ବିଜେଡିର ସାଙ୍ଗଠନିକ ବୈଠକ

ବଡ଼ଚଣା ବିଜୁ ଜନତା ଦଳ(ବିଜେଡି)ପକ୍ଷରୁ ଚଣ୍ଡିଖୋଲସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଏନ୍ଏସି ନିର୍ବାଚନ ନେଇ ଆଲୋଚନା କରାଯାଇଛି। ନୂତନ ଭାବେ ଗଠିତ ଚଣ୍ଡିଖୋଲ ଏନ୍ଏସିରେ ୧୨ ୱାର୍ଡ ରହିଛି। ଏଥିରେ ସୁଙ୍ଗୁଡ଼ା, ଧାନମଣ୍ଡଳ, ବଡ଼ଚଣା ପଞ୍ଚାୟତ ସାମିଲ ହୋଇଥିବାବେଳେ ଦର୍ପଣ ଓ ଭୂଷଣ୍ଡପୁର ପଞ୍ଚାୟତ ଆଂଶିକ ଭାବେ ସ୍ଥାନ ପାଇଛି। ଏନଏସିର ୧୨ ୱାର୍ଡର ଛାମୁଆ କର୍ମକର୍ତ୍ତା ଏହି ବୈଠକରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ କେତେଜଣ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳରେ ସାମିଲ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନନ୍ଦ, ସଞ୍ଜୟ ସ୍ୱାଇଁ, ଜ୍ଞାନ ରଞ୍ଜନ ସାହୁ, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି, ପ୍ରିୟବ୍ରତ ଖିଲାର, ଉମେଶ ଚନ୍ଦ୍ର ଜେନା, ପ୍ରଭାକର ସାମଲ, ମନୋଜ ମାହାଲା, ଗୋପାଳ ବାସ୍କେ, ସୁରେନ୍ଦ୍ର ନାୟକ, ସୁଜିତ ସାହୁ, ଜୟନ୍ତ ରାଉତ, ମିର୍ଜା ସାଜନ ବେଗ, ଦେବୀ ପ୍ରସାଦ ନାୟକ, ଶ୍ରୀକାନ୍ତ ନାୟକ, ସନ୍ତୋଷ ଜେନାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୟନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# ବୈଦ୍ୟରାଜପୁର ହନୁମାନ ମନ୍ଦିରରୁ ଚୋରି, ୨ ଗିରଫ

**ଯାଜପୁରଟାଉନ,୭।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଥାନା ବିଚିତ୍ରପୁର ପଞ୍ଚାୟତ ବୈଦ୍ୟରାଜପୁର ଗ୍ରାମରେ ଥିବା ହନୁମାନ ମନ୍ଦିରରୁ ଶୁକ୍ରବାର ସ୍ପଷ୍ଟ ଦିବାଲୋକରେ ଚୋରି ହୋଇଛି। ହନୁମାନଙ୍କ ମୁକୁଟ, ରୂପା ଗଜରା, ରୂପା ଆଖି ଆଦିକୁ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଗ୍ରାମର ବ୍ରହ୍ମାନନ୍ଦ ବେହୁରିଆ ମନ୍ଦିରକୁ ଯାଇ ଉପରୋକ୍ତ ଜିନିଷ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଲୋକେ ସିସିଟିଭି ଫୁଟେଜ ଆଧାରରେ ୨ ଜଣଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁନା ଦୋକାନୀ କଟିକଟା ଗ୍ରାମର ହରେକୃଷ୍ଣ ସାହୁ(୭୮) ଓ ଜଣେ ଅଭିଯୁକ୍ତ ଅବଦଲପୁର ଗ୍ରାମର ରମେଶ ସାହୁ(୪୭)। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଏନେଇ ନଂ.୯୫/୨୬ରେ ପୋଲିସ ଏକ ମାମଲା ରୁଜୁ କରିଛି। ଏସ୍ଆଇ ସଂଯୁକ୍ତା ବେହେରା ଘଟଣାର ତଦନ୍ତ କରୁଛନ୍ତି। କିଛି ଅଳଙ୍କାରକୁ ମଧ୍ୟ ପୋଲିସ ଜବତ କରିଥିବା ଦେଖିବାକୁ ମିଳିଛି। ଗତ କିଛିଦିନ ହେବ ଯାଜପୁର ଥାନା ସମେତ ସଦର ଥାନା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ସେମାନେ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

# ଦୁର୍ଘଟଣାରେ କିରାଣିଙ୍କ ମୃତ୍ୟୁ ଘଟଣା: ଟ୍ରକ୍ ଚାଳକ ଗିରଫ

**ରସୁଲପୁର,୭।୩(ରଞ୍ଜିତ ରାଉତ):**

ଯାଜପୁର ଜିଲା କୁଆଖିଆ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପୋଲରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ କିରାଣିଙ୍କ ମୃତ୍ୟୁ ଘଟଣାରେ ପୋଲିସ ଶନିବାର ଜଣେ ଟ୍ରକ୍ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କୋରେଇ ଥାନା ଅନ୍ତର୍ଗତ ଗୋଡିପୋଖରୀ ଅଞ୍ଚଳର କ୍ରିଷ୍ଣା ଦାସ(୨୦)। ଏହି ଦୁର୍ଘଟଣାରେ ବାସୁଦେବପୁର ଅଞ୍ଚଳର କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସେ ଭଦ୍ରକ ଜିଲାର ଏକ ଡାକ୍ତରଖାନାରେ କିରାଣି ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କ ବାଇକ୍‌କୁ ଟ୍ରକ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ ଓଆର୦୫ଏପି୭୨୭୫ ଫେରାର ହୋଇଯିବାକୁ ପ୍ରୟାସ କରୁଥିବାବେଳେ ପୋଲିସ ଟ୍ରକକୁ ପିଛା କରି କରିଥିଲା। ଏସ୍ଆଇ ଅନିତା ଜେନା ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଚୋରା ମଦ ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

**ଯାଜପୁରଟାଉନ,୭।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଚୋରା ମଦ ବନ୍ଦ ପାଇଁ ଯାଜପୁର ଟାଉନ ଥାନା ଅଧୀନ ଖଣ୍ଡରା ବାଲିପଦା ଗ୍ରାମର ମହିଳାଙ୍କ ପକ୍ଷରୁ ଶନିବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଗ୍ରାମର ୩ ଭାଇ ଅଜୁ ପାଗଳ, ସରୋଜ ପାଗଳ ଓ ବିଜୁ ପାଗଳ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବେଆଇନ ଭାବେ ଚୋରା ମଦ ବ୍ୟବସାୟ କରି ଆସୁଅଛି। ଗ୍ରାମବାସୀ ପ୍ରତିବାଦ କରିବାରୁ ସେମାନଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି। ଗତ ୬ ତାରିଖରେ ଗ୍ରାମର ଅନୁସୂୟା ସାହୁଙ୍କ ପୁଅ ଜଗନ ସାହୁଙ୍କୁ ଅଜୁ ଇଟା ଫୋପାଡ଼ିବା ସହିତ ଆକ୍ରୋଶମୂଳକ ଭାବେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ଯାଜପୁର ଟାଉନ ଥାନାରେ ଅଜୁଙ୍କ ବିରୋଧରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗ୍ରାମର ମହିଳାଙ୍କୁ ଚୋରା ମଦ ଦୋକାନ ଚଳାଉଥିବା ୩ ଭାଇ ଭାଇ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଣୁ ଚୋରା ମଦ ଦୋକାନ କାରବାର ଚଳାଉଥିବା ସମ୍ପୃକ୍ତ ୩ ଭାଇଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସୁଷମା ସିଂହ, ପଦ୍ମାବତୀ ସାହୁ, ସୁନନ୍ଦା ସାହୁ, ସରୋଜିନୀ ସାହୁ, ସ୍ୱର୍ଣ୍ଣଲତା ସାହୁ, ମମତା ସାହୁ, କବିତା ନାୟକ, ସୁକାନ୍ତି ସାହୁ, ଅନସୂୟା ସାହୁ, ରେବତୀ ସାହୁ, ମାଳତୀ ଦେଈ ଓ ସଞ୍ଜୁଲତା ସାହୁଙ୍କ ସମେତ ଶତାଧିକ ମହିଳା ଉପସ୍ଥିତଥିଲେ।

# କେନାଲ ପାଣି ମେଣ୍ଟାଉଛି ଶୋଷ



ମହିଳାମାନେ କେନାଲରୁ ପାଣି ସଂଗ୍ରହ କରୁଛନ୍ତି।

**କାଳିଆପାଣି,୭।୩(ଅସିତ ମହନ୍ତ):**

## ପାନୀୟ ଜଳ ପ୍ରକଳ୍ପରୁ ପାଣି ଯୋଗାଣ ବନ୍ଦ

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତ ବେଣାଗାଡ଼ିଆ ଗାଁରେ ୮ ଦିନରୁ ଅଧିକ ହେବ ପାନୀୟ ଜଳ ପ୍ରକଳ୍ପରୁ ପାଣି ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ଗ୍ରାମବାସୀ ଉପାୟ ଶୂନ୍ୟ ହୋଇ କେନାଲରୁ ପାଣି ନେଇ ଶୋଷ ମେଣ୍ଟାଉଛନ୍ତି। ପାନୀୟ ଜଳ ଯୋଗାଣ ନେଇ ସରପଞ୍ଚ ଅଞ୍ଜଳି ପ୍ରଧାନ କାଙ୍କଡ଼ପାଳ ପାନୀୟ ଜଳ ପ୍ରକଳ୍ପ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ଜଳଯୋଗାଣ ହୋଇ ପାରୁନାହିଁ। ଗାଁରେ ୩୦୦ରୁ ଊର୍ଦ୍ଧ୍ୱ ପରିବାରରେ ୮୦୦ରୁ ଊର୍ଦ୍ଧ୍ୱ ଲୋକ ରହିଛନ୍ତି। ସେମାନଙ୍କ ଚଳଣି ନିମନ୍ତେ ୩ଟି ନଳକୂପ ରହିଛି। ଏହି ନଳକୂପଗୁଡ଼ିକରେ ପାଣି ବହାରୁନି। ଫଳରେ ଲୋକେ ପାନୀୟ ଜଳପାଇଁ ରଗଦାରୁ ବାହାରିଥିବା କେନାଲ ଜଳକୁ ବ୍ୟବହାର କରୁଛନ୍ତି। ଖାଲି ବେଣା ଗାଡ଼ିଆ ଗାଁରେ ଏହି ସମସ୍ୟା ଦେଖାଯାଇନି। ଖଣି ଦ୍ୱାରା ପ୍ରଭାବିତ ଅଧିକାଂଶ ଗାଁ ଲୋକ ସମାନ ଦଶା ଭୋଗୁଛନ୍ତି। ଏହାର ତୁରନ୍ତ ସମାଧାନ ନ କଲେ ବେଣାଗାଡ଼ିଆ ଗାଁର ରାଜେନ୍ଦ୍ର ମହାନ୍ତ, ଗଜେନ୍ଦ୍ର ଦେହୁରୀ, କାଳନ୍ଦୀ ମହାନ୍ତ ଓ ସରୋଜ ମହାନ୍ତ ପ୍ରମୁଖ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ପ୍ରଜ୍ଞାପରମିତା ପୃଷ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭୟ



@ ଦିଲୀପ



@ ଦୀପକ



@ ସୁବାସ



@ ତନ୍ମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଡ଼ିଆକତା ଦେଇଛି ମହିଳାଙ୍କୁ ନୂଆ ପରିଚୟ

**୫ ଟଙ୍କାରେ ଶିଳ୍ପ ବିଭାଗରୁ ତାଲିମ ନେଇ ଶ୍ରୀମତୀ ସ୍ୱାବଲମ୍ବୀ**

**ଆଜି ବିଶ୍ୱ ମହିଳା ଦିବସ**




ମହିଳାମାନଙ୍କ ଦ୍ୱାରା କତାରେ ନିର୍ମିତ ପ୍ରାଣୀ, ଫୁଲଦାନି, ପାପୋଛ।

**ରାଜକନିକା, ୭।୩ (ସଞ୍ଜୟ କୁମାର ଦାଶ)**

ଦିନ ଥିଲା, କୌଣସି କାରଣରୁ ସ୍ୱାମୀ ରୋଜଗାର ହରାଇବା ପରେ ଘର ଚଳିବା କଷ୍ଟକର ହୋଇପଡୁଥିଲା। ନିଜସ୍ୱ ଉଦ୍ୟମରେ କିଛି ରୋଜଗାର କରି ପରିବାର ପ୍ରତିପୋଷଣ କରିବା କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଆଖୁଳିପଡ଼ା ଗାଁର ଶ୍ରୀମତୀ ନାୟକଙ୍କ ଇଚ୍ଛା ଥିଲା। ରୋଜଗାର କରିବାକୁ ମନ ବଳାଇ ଆଜି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଶତାଧିକ ମହିଳାଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରାଇ ପାରିଛନ୍ତି।

୧୯୮୫ରେ କୌଣସି କାରଣରୁ ହଠାତ୍ ସ୍ୱାମୀ ରୋଜଗାର ହରାଇଥିଲେ। ପରିବାରର ଆର୍ଥିକ ବୋଝ ଶ୍ରୀମତୀଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ସେତେବେଳେ ମାତ୍ର ୫ ଟଙ୍କା ଦେଇ ସରକାରଙ୍କ ଶିଳ୍ପ ବିଭାଗରେ ନଡ଼ିଆକତା କାମ ଶିଖିଥିଲେ। ସରକାରଙ୍କ ଶିଳ୍ପ ବିଭାଗରେ ସେ ତାଲିମ ନେଇ ଆର୍ଥିକ ସହାୟତାରେ ଗାଁରେ ନଡ଼ିଆକତା ଶିଳ୍ପ ଆରମ୍ଭ କରିଥିଲେ। ନଡ଼ିଆକତା ସଂଗ୍ରହ କରି ସେଥିରେ ରଶି, ପା'ପୋଛା ଏବଂ ବିଭିନ୍ନ କଣ୍ଢେଇ ମାନ ତିଆରି କରି ସ୍ୱାବଲମ୍ବୀ ହେବା ସହ ଭଲ ରୋଜଗାର ମଧ୍ୟ କରିପାରିଥିଲେ। ନିଜର ହାତ ତିଆରି ଏହି କୁଟୀର ଶିଳ୍ପରେ ଶତାଧିକ ମହିଳାଙ୍କୁ ତାଲିମ ଦେଇଛନ୍ତି। ଏଥିଲାଗି ସରକାରଙ୍କ ପକ୍ଷରୁ ବିଗତ ଦିନରେ ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା ଶ୍ରୀମତୀ ବାୟାବାବା ନଡ଼ିଆକତା ଶିଳ୍ପ ସମବାୟ ଲିଃର ପ୍ରତିଷ୍ଠାତା ସମ୍ପାଦିକା। ତାଙ୍କ ଉଦ୍ୟୋଗରେ ଏବେ ୫୯ ଜଣ ମହିଳା କାର୍ଯ୍ୟ କରୁଥିବାବେଳେ, ୫୦୦ ମହିଳା ତାଙ୍କଠାରୁ ସରଞ୍ଜାମ ନେଇ ଘରେ ତିଆରି କରୁଛନ୍ତି। ନଡ଼ିଆକତାର ପ୍ରସ୍ତୁତି ସାମଗ୍ରୀ ଦେଶ ବିଦେଶରେ ଆଦୃତ ହୋଇଥିବା ବେଳେ, ଓଡ଼ିଶାର କୋଣ ଅନୁକୋଣରେ ସହଜରେ ଉପଲବ୍ଧ ହେଉଛି। ବଜାରରେ ଏହି ଉତ୍ପାଦର ମଧ୍ୟ ବହୁତ ଚାହିଦା ଥିବା ଶ୍ରୀମତୀ କହିଛନ୍ତି। ଏହି କାର୍ଯ୍ୟରେ ସ୍ୱାମୀ ଚିନ୍ତାମଣି, ପୁଅ ପ୍ରଶାନ୍ତ, ସୁଶାନ୍ତ, ପ୍ରଦୀପ୍ତ, ବୋହୂ ଚନ୍ଦ୍ରକାନ୍ତି, ସ୍ୱାଗତିକା, ବିଭାସିନୀ ତାଙ୍କୁ ସହଯୋଗ କରୁଛନ୍ତି। ପୂର୍ବରୁ ଯେଉଁମାନେ ନଡ଼ିଆକତା କାର୍ଯ୍ୟକୁ ନାପସନ୍ଦ କରୁଥିଲେ ଓ ଟାହିଟାପରା କରୁଥିଲେ ଆଜି ତାଙ୍କର ଏହି କାର୍ଯ୍ୟର ନିଷ୍ଠା ତାଙ୍କୁ ସ୍ୱାବଲମ୍ବୀ ସହ ପ୍ରତିଷ୍ଠିତ କରିପାରିଛି। ସେ ନେଇଥିବା ନିଷ୍ପତ୍ତି ଓ ଅଦମ୍ୟ ଉଦ୍ୟମ ହିଁ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ୫ ରାଜ୍ୟ ମଧ୍ୟରୁ ଜଣେ ସଫଳ ଉଦ୍ୟୋଗୀ ଭାବେ ତାଙ୍କୁ ମାନ୍ୟତା ମିଳିଛି। ସେ ରାଜକନିକା ବ୍ଲକରେ କଏର କ୍ଲଷ୍ଟର ସୃଷ୍ଟି କରି ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କୁ କାର୍ଯ୍ୟ ଯୋଗାଇ ଆସୁଛନ୍ତି।

ପ୍ଲାଷ୍ଟିକ୍ ପ୍ରଦୂଷଣ ମାତ୍ରା କମାଇ ନଡ଼ିଆକତା ଉତ୍ପାଦକୁ ଯାବତୀୟ ଘରକରଣା ଜିନିଷ ତିଆରି କରୁଥିବା ଶ୍ରୀମତୀ ଶେଷ ଜୀବନ ପର୍ଯ୍ୟନ୍ତ ଏହାକୁ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ସେ ନଡ଼ିଆକତା ପାଇଁ କେରଳ ଓ ସାକ୍ଷୀଗୋପାଳ ଉପରେ ନିର୍ଭର କରୁଥିଲେ। ଏବେ ସରକାରଙ୍କ କଏର ବୋର୍ଡ ସହାୟତାରେ ନିଜ ସମିତିରେ ମେଶିନ୍ ବସାଇ କଞ୍ଚା ନଡ଼ିଆକତାକୁ କିଣି ସେଥିରୁ କତା ବାହାର କରୁଛନ୍ତି। ଶ୍ରୀମତୀଙ୍କ କାର୍ଯ୍ୟ ଦକ୍ଷତାରେ ଆଗ୍ରହ ପ୍ରକାଶ କରି ସେ ସମୟରେ ରାଜକନିକା ବ୍ଲକ ଅଧ୍ୟକ୍ଷ ତାଙ୍କୁ ବ୍ଲକ ପରିସରରେ ଖଦି ବୋର୍ଡ ପାଇଁ ରହିଥିବା ଘରେ ନଡ଼ିଆକତା ଶିଳ୍ପ ଆରମ୍ଭ କରିବାକୁ ସୁଯୋଗ ଦେଇଥିଲେ। ପରେ ବିଧାୟକଙ୍କ ସହାୟତାରେ ନିଜର ସମିତି ପାଇଁ ଆଖୁଳିପଡ଼ା ମୌଜାରେ ୬୦ ଡିସିମିଲ ଜମି ପାଇବାକୁ ବ୍ୟବସ୍ଥା କରାଇଥିଲେ। ରାଜଜନିକାରେ ନଡ଼ିଆକତା ଶିଳ୍ପକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିବା ଶ୍ରୀମତୀ ରାଜ୍ୟ ଓ ରାଜ୍ୟ ବାହାରେ ତାଲିମ ଏବଂ ପ୍ରଦର୍ଶନୀରେ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କୃତ ହୋଇଛନ୍ତି। ଏହା ତାଙ୍କୁ ଆଗକୁ ବଢ଼ିବାରେ ସହାୟକ ଓ ପୁଞ୍ଜି ଯୋଗାଇଥିବା ସେ କହିଛନ୍ତି। କାହାର ଦୟାର ପାତ୍ର ନ ହୋଇ ନିଜ ଗୋଡ଼ରେ ସମ୍ମାନର ସହ ଛିଡ଼ା ହୋଇ ପରିଶ୍ରମ କରି ବଞ୍ଚିବାର ଇଚ୍ଛା ତାଙ୍କୁ ଜଣେ ସମ୍ପୂର୍ଣ୍ଣ ମହିଳା ଯୋଗ୍ୟା ହୋଇପାରିଛନ୍ତି ବୋଲି ସେ କହିଛନ୍ତି।


ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭୟ



@ ଦିଲୀପ



@ ଦୀପକ



@ ସୁବାସ



@ ତନ୍ମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବେ ଜିଲାର ୧୮୫ ବରିଷ୍ଠ ଶ୍ରଦ୍ଧାଳୁ




ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କେନ୍ଦ୍ରାପଡ଼ା, ୭।୩ (ଜଗନ୍ନାଥ ଧଳ)**

ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ୧୮୫ ବରିଷ୍ଠ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏହି ଶ୍ରଦ୍ଧାଳୁଙ୍କୁ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବସ୍ ବ୍ୟବସ୍ଥା କରି ଶନିବାର ସକାଳେ ଯାତ୍ରା ଆରମ୍ଭ କରାଇଛନ୍ତି। ଜିଲାପାଳ ରଘୁରାମ ଆର. ଆୟର କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ଯୋଜନା ବରିଷ୍ଠ ବ୍ୟକ୍ତିଙ୍କ ଅଧ୍ୟାତ୍ମ କାମନାକୁ ପୂରଣ କରିବ। ଶ୍ରଦ୍ଧାଳୁଙ୍କ ଡାକ୍ତରୀ ପରୀକ୍ଷା ସହ ୫ ବସ୍‌ରେ ସେମାନଙ୍କ ଯାତାୟାତ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବସରେ ଜିଲା ପ୍ରଶାସନର କର୍ମଚାରୀ ଏସ୍କର୍ଟ ଭାବେ ରହିଛନ୍ତି। ପୁରୀରେ ଶ୍ରୀଜୀଉଙ୍କୁ ଦର୍ଶନ କରି ରାତିରେ ଶ୍ରଦ୍ଧାଳୁମାନେ ଫେରିବେ। ଏହି ବସ୍‌ଗୁଡିକ ଜିଲା ସଂସ୍କୃତି ଭବନଠାରୁ ବାହାରିଥିବା ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖ ଉପସ୍ଥିତ ରହି ବସ୍‌ଗୁଡିକ ଯିବା ପାଇଁ ପତାକା ଦେଖାଇଥିଲେ। ଏଥିରେ ଜିଲା ପର୍ଯ୍ୟଟନ ଅଧିକାରୀ ଶିବମ୍ ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଏଡିଆଇପିଆରଓ ଅଶୋକ ବଳିଆରସିଂହ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ପ୍ରମୁଖ ସାମିଲ ହୋଇଥିଲେ।

## କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ବିରୋଧ

**କେନ୍ଦ୍ରାପଡ଼ା, ୭।୩ (ଜଗନ୍ନାଥ ଧଳ)**



ଉପଜିଲାପାଳଙ୍କୁ କଲେଜର ପୁରାତନ ଛାତ୍ରମାନେ ଦାବିପତ୍ର ଦେଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଏପ୍ରିଲ ୨ରୁ ୩ ଦିନ ଧରି ହେବାକୁ ଅଛି। ମାତ୍ର ଏହାକୁ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି, ପୁରାତନ ଛାତ୍ର ପ୍ରମୁଖ ବିରୋଧ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନକାରୀ ଆଇନଜୀବୀ ତଥା ପୁରାତନ ଛାତ୍ରୀଛାତ୍ର ସଂସଦର ପୂର୍ବତନ ସଭାପତି ଗୋପୀନାଥ ତ୍ରିପାଠୀ ଏ ନେଇ କହିଛନ୍ତି, ୧୯୭୦ରେ ଏହି କଲେଜର ସ୍ଥାପନା ହୋଇଥିଲା। ୨୦୨୦ରେ ୫୦ବର୍ଷ ପୂର୍ତ୍ତିରେ ସାଧାରଣ ଭାବେ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏହାସତ୍ତ୍ୱେ ଆସନ୍ତା ଏପ୍ରିଲରେ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ଚାଲିଛି। ଗତ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ଏହି ଶିକ୍ଷାନୁଷ୍ଠାନରେ ବହୁ ପ୍ରତିଭା ଉତ୍ତୀର୍ଣ୍ଣ ହୋଇ ସାମାଜିକସ୍ତରରେ ଖ୍ୟାତବାନ ହୋଇଛନ୍ତି। ପୁରାତନ ଶିକ୍ଷାର୍ଥୀ କଲେଜର ମଙ୍ଗଳ ପାଇଁ କାର୍ଯ୍ୟ କରୁଛନ୍ତି। ମାତ୍ର କୌଣସି ଉଦ୍ଦେଶ୍ୟମୂଳକ ଭାବେ ଅଧ୍ୟକ୍ଷ ଓ କେତେଜଣ ପୁରାତନ ଶିକ୍ଷାର୍ଥୀ ଏହି ଉତ୍ସବ ଆୟୋଜନରେ ମାତି ଥିବାରୁ ଜନମାନସରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ତ୍ରିପାଠୀ ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୁରାତନ ଛାତ୍ର ବିଶ୍ୱନାଥ ସାହୁ, ତପନ ପାତ୍ର, ସତ୍ୟପ୍ରିୟ ସାମଲ, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କୁ ପଚାରିବାରେ ପୁରାତନ ଛାତ୍ରୀଛାତ୍ରଙ୍କ ଉଦ୍ୟମରେ ଏହି ଉତ୍ସବ ଅନୁଷ୍ଠିତ ହେବ। କଲେଜର ଅଧ୍ୟାପକ, କର୍ମଚାରୀ ପରିଷଦର ଓ ପରିଚାଳନା କମିଟି ସଭାପତିଙ୍କ ଅନୁମୋଦନ ମିଳିଥିବା ଅଧ୍ୟକ୍ଷ ପାତ୍ର ସୂଚନା ଦେଇଛନ୍ତି।

## ଗଛ ଲୁଟିନେଲେ ଦୁର୍ବୃତ୍ତ: ତହସିଲଦାର, ଥାନାରେ ଅଭିଯୋଗ



ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

**ଆଳି, ୭।୩ (ବନମାଳୀ ସେନାପତି )**

ଚାରାରୋପଣ ନିମନ୍ତେ ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କାଠ ମାଫିଆ ଗଛ କାଟି ନେଉଛନ୍ତି। ଏପରିକି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନିର୍ଦ୍ଦେଶକ୍ରମେ ସଦସ୍ୟମାନେ ମେଣ୍ଟପୁର ପଞ୍ଚାୟତ ବଡ଼ବନ୍ଧ ଓ ଆଠକଣିଆ ଛକରେ ଚାରାରୋପଣ କରିଥିବାବେଳେ ଗଛକୁ ଦୁର୍ବୃତ୍ତମାନେ ଲୁଟିନେବା ସହ ଗଛକୁ ସୁରକ୍ଷା ଦେବା ନିମନ୍ତେ ଲଗାଯାଇଥିଲା ଷ୍ଟିଲ ଜାଲିକୁ ସେମାନେ ନେଇ ଯାଇଛନ୍ତି। ଏ ନେଇ ସଂଘର ସଦସ୍ୟମାନେ ଆଳି ତହସିଲଦାରଙ୍କ ସମେତ ଆଳି ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମେଣ୍ଟପୁର ପଞ୍ଚାୟତ ବଡ଼ବନ୍ଧ ଓ ଆଠକଣିଆ ଛକରେ ବର, ଅଶ୍ୱତଥ,ବଉଳ ଗଛଗୁଡିକ ସଂଘର ସଦସ୍ୟମାନେ ଲଗାଇଥିଲେ। ମାତ୍ର ଏବେ ଯେଉଁସ୍ଥାନରେ ଗଛ ଲଗାଯାଇଥିଲା। ସେଠାରେ ଗଛ କି ଲାଗିଥିବା ଷ୍ଟିଲ ଜାଲି ମଧ୍ୟ ନାହିଁ। ଏ ନେଇ ପ୍ରଶାନ୍ତ ବେହେରା, ପ୍ରଦୀପ ବେହେରା, ଭୀମସେନ ବେହେରା, ପୁରନ୍ଦ୍ରମ ମଲିକ, ସ୍ୱାଗତ ଜେନା, ସୁଶାନ୍ତ ମହାନ୍ତିଙ୍କ ସମେତ ଅନ୍ୟମାନେ ଲିଖିତ ଅଭିଯୋଗ କରିବା ସହ ବନ ବିଭାଗ ନିକଟରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି।

## ସରିଲା ଭରତପୁର ମକନ୍ଦମ ମେଳଣ

**କେନ୍ଦ୍ରାପଡ଼ା, ୭।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ ଭରତପୁର ପଞ୍ଚାୟତର ମକନ୍ଦମ ମେଳଣ ଶନିବାର ଶେଷ ହୋଇଛି। ସୀତାରାମପୁର ମଠ ପଡିଆସ୍ଥ ଶ୍ରୀଦଧିବାମନଜୀଉ ମନ୍ଦିର ସମ୍ମୁଖରେ ଏହି ମେଳଣ ଶୁକ୍ରବାର ଆରମ୍ଭ ହୋଇଥିଲା। ମେଳଣ ଉତ୍ସବରେ ଆଖପାଖର ୧୮ ବିମାନ ସାମିଲ ହୋଇଥିଲେ। ଏ ସମ୍ପର୍କରେ କର୍ମକର୍ତ୍ତା ପ୍ରବୋଧ ଦାସ କହିଛନ୍ତି, ଶ୍ରୀଗୋପାଳଜୀଉଙ୍କ ଏହି ମକନ୍ଦମ ମେଳଣ ଉତ୍ସବ ଦୀର୍ଘ ୨୫୮ବର୍ଷ ଧରି ପାଳନ ହୋଇଆସୁଛି। ପାରମ୍ପାରିକ ରୀତିନୀତିରେ ଚାଲି ଆସିଥିବା ଏହି ଉତ୍ସବ ଏକ ଆଧ୍ୟାତ୍ମ ପରିବେଶ ସୃଷ୍ଟି ସହିତ କଳା ଓ ସାଂସ୍କୃତିକ କ୍ଷେତ୍ରକୁ ପରିବର୍ଦ୍ଧିତ କରୁଛି। ରାମଲୀଳା, ଘୋଡା ନାଚ ଆଦି ସହ ବିମାନଗୁଡିକ ବାଜା ରୋଷଣୀରେ ଆସିଥାନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭାଙ୍କୁ ଏଠାରେ ସମ୍ମାନିତ କରାଯାଇଥାଏ। ଏହି ମେଳଣକୁ ଅଧିକାରୀ ରାଜେନ୍ଦ୍ର ଦାଶ, ଅଧିକାରୀ ରସାନନ୍ଦ ଦାସ, ସରାଜକାନ୍ତ ପତିଙ୍କ ସହ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



ମକନ୍ଦମ ମେଳଣରେ ସାମିଲ ହୋଇଥିବା ବିମାନ।

## ଠିକାଦାରଙ୍କୁ ଧମକ ଦେଇ ୨ ଗିରଫ

**କେନ୍ଦ୍ରାପଡ଼ା, ୭।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସଦର ଥାନା ଗରାପୁରର ବଉଳବିହାରସ୍ଥ ଠିକାଦାର ଶିବ ପ୍ରସାଦ ପରିଡାଙ୍କୁ ବଟି ଦେବା ପାଇଁ ଧମକ ଦେବା ଅଭିଯୋଗରେ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଉଛନ୍ତି ଭୁବନେଶ୍ୱରର ଶୁଭମ ଜେନା ଓ ତାଙ୍କ ସହଯୋଗୀ ସୋମେଶ ପ୍ରଧାନ। ଅଭିଯୁକ୍ତ ଦ୍ୱୟଙ୍କ ନାମରେ ନଂ. ୧୨୯/ ୨୬ରେ ମାମଲା ରୁଜୁ ହୋଇ ଶନିବାର କୋର୍ଟ ଚାଲାଣ ହୋଇଛନ୍ତି। ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ପଚାରିବରେ ଠିକାଦାର ପରିଡାଙ୍କୁ ଏହି ୨ ଅଭିଯୁକ୍ତ ବଟି ମାଗୁଥିଲେ। ଏଥିସହ ତାଙ୍କ ବିରୋଧରେ ବିଭିନ୍ନ ବିଭାଗକୁ ବେନାମୀ ପିଟିସନ ପଠାଉଥିବା ଅଭିଯୋଗ ଥିଲା ବୋଲି ସେ କହିଛନ୍ତି।

## ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବେଳାଭୂମି ସଫେଇ




**ରାଜନଗର, ୭।୩ ( ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଓ ଶକ୍ତି କ୍ଲବର ଛାତ୍ରୀଛାତ୍ରମାନେ ଶିକ୍ଷକ ସେକ ନିୟାମତୁଲ୍ଲାଙ୍କ ନେତୃତ୍ୱରେ ପେଣ୍ଠ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ବେଳାଭୂମି ସଫେଇ କରିଥିଲେ। ବିଦ୍ୟାଳୟର ୪୦ରୁ ଅଧିକ ଛାତ୍ରୀଛାତ୍ର ସାଇକେଲ ଶୋଭାଯାତ୍ରାରେ ବାହାରି ହାତିନା, ଏଣ୍ଡୁଲାପୁର, ପ୍ରଶ୍ନପୁର ଓ ପେଣ୍ଠ ଗ୍ରାମରେ ଏକକ ବ୍ୟବହୃତ ପ୍ଲାଷ୍ଟିକର ବର୍ଜନ ସମ୍ପର୍କରେ ଲୋକମାନଙ୍କୁ ସଚେତନତା କରେଇବା ସହିତ ବେଳାଭୂମି ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ତ୍ରିନାଥ ବେହେରା, ନିରଞ୍ଜନ ପଲାଇ, କ୍ଷମାମୟୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବନ ବିଭାଗର କର୍ମଚାରୀ ମାନେ ଛାତ୍ରୀଛାତ୍ରମାନଙ୍କୁ ସହଯୋଗ କରିବା ସହିତ ଉତ୍ସାହିତ କରିଥିଲେ।

## ବାଲିଆ ମେଳଣରେ ୬୯ ବିମାନ ସାମିଲ

**ଡେରାବିଶ, ୭।୩ (ବେବର୍ତ୍ତା ଅଜୟ ଦାସ)**

ଫଗୁ ଦଶମୀ ତିଥିରୁ ଆରମ୍ଭ ହୋଇଥିବା ଦୋଳପର୍ବ ଦୀର୍ଘ ଏକ ସପ୍ତାହ ଧରି ଅବିର ରଙ୍ଗରେ ସମଗ୍ର ରାଜ୍ୟକୁ ରଙ୍ଗାୟିତ କରିଥିବା ବେଳେ ଚଳିତବର୍ଷ ପାଇଁ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ଣ୍ଣମୀ ପରେ ପଞ୍ଚୁଦୋଳ ତିଥିରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତ ପ୍ରସିଦ୍ଧ ବାଲିଆ ମେଳଣ ଜିଲାରେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଚତୁର୍ଥି ତିଥି ଅବସରରେ ଶନିବାର ପୂର୍ବାହ୍ନରେ ଆରମ୍ଭ ହୋଇଥିବା ଏହି ମେଳଣ ରାତି ୧୨ଟାରେ ଶେଷ ହୋଇଥିଲା। ଚଳିତବର୍ଷ ଏହି ମେଳଣରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ପ୍ରକାର ଦୋକାନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଲାଙ୍କ ପାଇଁ ରାମଦୋଳି ମେଳଣସ୍ଥଳକୁ ଆକର୍ଷିତ କରିଛି। ୨୫୬ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ମେଳଣରେ ୬୯ ବିମାନ ସମ୍ମିଳିତ ହୋଇଥିଲେ। ପରମ୍ପରା ଅନୁଯାୟୀ, ସ୍ଥାନୀୟ ଶ୍ରୀଗୋବିନ୍ଦଜୀଉଙ୍କ ମଠ ବିମାନ ମେଳଣର ଥାନପତି ଭାବେ ପୂର୍ବାହ୍ନରେ ଘଣ୍ଟ ସଂକୀର୍ତ୍ତନ ଓ ପାରମ୍ପାରିକ ବାଦ୍ୟ ପଟୁଆର ମଧ୍ୟରେ ପଡ଼ିଆ ମଧ୍ୟରେ ପ୍ରବେଶ କରିଥିଲେ। କ୍ରମାନ୍ୱୟରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନ ପଟୁଆର ସହ ପଡିଆ ମଧ୍ୟରେ ପ୍ରବେଶ କରିବା ସହ ଉପବେସନ କରିଥିଲେ। ତେବେ ବାଲିଆ ଜମିଦାରଙ୍କ ବିମାନରେ ଶ୍ରୀଗୋପୀନାଥଜୀଉ ରାତି ୧୦ଟା ସୁଦ୍ଧା ମେଳଣ ପଡିଆରେ ପହଞ୍ଚି ଉପବେଶନ କରିଥିଲେ। ଏହାକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ଚଳିତ ବର୍ଷ ଜିଲା ପ୍ରଶାସନ ପକ୍ଷରୁ ବାଣ ଓ ଡିଜେ ବାଦ୍ୟ ଉପରେ କଟକଣା ଥିବାରୁ କୌଣସି ବିମାନ ଶୋଭାଯାତ୍ରାରେ ବାଣ ଫୁଟା ଯାଇ ନ ଥିବାବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପାରମ୍ପାରିକ ବାଦ୍ୟ ଦଳ ବିଭିନ୍ନ ବିମାନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ରୀତି ଅନୁଯାୟୀ ବାଲିଆ ଜମିଦାର କାନୁନ୍‌ଗୋଙ୍କ ପରିବାର ପକ୍ଷରୁ ମାଟି ନିର୍ମିତ ପାତ୍ରରେ ଭୋଗ ଲାଗି ଓ ବିଦାକି ସମସ୍ତ ବିମାନଙ୍କୁ ଦିଆଯାଇଥିଲା। ତେବେ ଏହି ମେଳଣକୁ ତତ୍କାଳୀନ ଜମିଦାର ଲକ୍ଷ୍ମୀଧର କାନୁନ୍‌ଗୋ, ପଦ୍ମଚରଣ କାନୁନ୍‌ଗୋ, ଶ୍ରୀଚରଣ କାନୁନ୍‌ଗୋଙ୍କ ଦ୍ୱାରା ଆରମ୍ଭ ହୋଇଥିଲା।



ବିମାନକୁ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ନିଆଯାଉଛି।

ମେଳଣ କମିଟିର ସଭାପତି ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ କହିଛନ୍ତି, ଜମିଦାରୀ ଇଲାକାରେ ଥିବା ବିଭିନ୍ନ ମଠ ମନ୍ଦିରର ସୁପରିଚାଳନା ପାଇଁ ତାଙ୍କ ପରିବାର ପକ୍ଷରୁ ଜମିଦାନ କରାଯାଇଥିଲା। ସମସ୍ତଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ପାଇଁ ତାଙ୍କ ପୂର୍ବଜ ଏହି ମେଳଣ ଆରମ୍ଭ କରିଥିଲେ। ସେହିପରି ମେଳଣର ମୁଖ୍ୟ ଉପଦେଷ୍ଟା ତାରାପ୍ରସାଦ କାନୁନ୍‌ଗୋ କହିଛନ୍ତି, ଏହି ମେଳଣଟି ସମ୍ପୂର୍ଣ୍ଣ ପାରମ୍ପାରିକ। ପୂର୍ବଜଙ୍କ ଦ୍ୱାରା ସୃଷ୍ଟ ଏହି ମେଳଣର କଳେବର ଅଞ୍ଚଳବାସୀଙ୍କ ସହଯୋଗକ୍ରମେ ବୃଦ୍ଧି ପାଇବାରେ ଲାଗିଛି। ସାମାଜିକ କର୍ମୀ ରାଜେଶ ପଣ୍ଡାଙ୍କ କହିଛନ୍ତି, ବାଲିଆ ମେଳଣ ଏକ ମିଳନ ପର୍ବରେ ପରିଣତ ହୋଇଛି। ବିଭିନ୍ନ ଗ୍ରାମରୁ ଆସୁଥିବା ବିମାନ ସହ ଠାକୁରବାଡି ପ୍ରତିନିଧି ଓ ଗ୍ରାମବାସୀ ମେଳଣରେ ଏକାଠି ହେବା ସହ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ ଅବିର ବୋଳି ନିଜ ଭିତରେ ଏକ ଭାଇଚାରା ବନ୍ଧନ ସୃଷ୍ଟି କରିଥାନ୍ତି। ଦୀର୍ଘ ୧ ବର୍ଷ ଧରି ଅପେକ୍ଷା କରିଥିବା ବାଲିଆ ସମେତ ଆଖପାଖ ଗ୍ରାମର ବାହାରେ ରହୁଥିବା ବ୍ୟକ୍ତି ନିଜ ପରିବାରଙ୍କ ସହ ମେଳଣ ପାଇଁ ନିଜ ଘରକୁ ଆସିଥାନ୍ତି। ଆଇନ ଶୃଙ୍ଖଳା ରକ୍ଷା ପାଇଁ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କ ନେତୃତ୍ୱରେ ୧୦ ଅଧିକାରୀ ଓ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ମେଳଣକୁ କମିଟି ପକ୍ଷରୁ ଭାଗବତପୁର ପଞ୍ଚାୟତ ପକ୍ଷରୁ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସାମାଜିକ କର୍ମୀ ସଙ୍ଗମ କେଶରୀ ସାମଲ, ଜଗଦୀଶ ପ୍ରସାଦ ଓ ବଜାର କମିଟି ସମେତ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନା କରିଥିଲେ।

# ନୟାଗଡ଼ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ବେଲପଡ଼ାପାଟଣା ଛାତ୍ରମୃତ୍ୟୁ ଘଟଣା**

- ଜିଲାପାଳ, କନ୍ଧମାଳ ଏମ୍‌ପିଙ୍କ ସମେତ ଅନେକ ଅଧିକାରୀ ଅଟକ
- ୯ ତାରିଖରେ ସ୍କୁଲ ଖୋଲି ପରୀକ୍ଷା ଦାବି ତେଜିଲା

ନୟାଗଡ଼,୭।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗଣିଆ ବ୍ଲକ ବେଲପଡ଼ାପାଟଣା ସରକାରୀ ପ୍ରାଥମିକ ସ୍କୁଲର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଲ୍ଲିକଙ୍କ ମୃତଦେହ କୂଅରୁ ଜବତ ହେବା ଘଟଣାର ବିବାଦ ନୂଆ ମୋଡ଼ ନେଇଛି। ୩୧ ଦିନରୁ ଊର୍ଦ୍ଧ୍ୱ ହେବ ତାଲା ଝୁଲୁଥିବା ସ୍କୁଲ ଖୋଲି ଆସନ୍ତା ୯ ତାରିଖରେ ପରୀକ୍ଷା କରିବା ପାଇଁ ଦାବି କରି ନୟାଗଡ଼ ଜିଲା ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବେଲପଡ଼ାପାଟଣା ଗାଁର ସବର୍ଣ୍ଣ ପରିବାର ଶନିବାର ଅପରାହ୍ନ ୧ଟାରେ ଧାରଣା ଦେଇଥିଲେ। ଧାରଣା ଯୋଗୁ ଜିଲାପାଳ, କନ୍ଧମାଳ ଏମ୍‌ପି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମେତ ଅନେକ ଜିଲାସ୍ତରୀୟ ଅଧିକାରୀ ପ୍ରାୟ ୧ ଘଣ୍ଟା ଧରି ବାହାରି ନ ପାରି ଅଟକ ରହିଥିଲେ। ସୋମବାର ବେଲପଡ଼ାପାଟଣା ସ୍କୁଲକୁ ଏସ୍‌ପି ଓ ଜିଲାପାଳ ଯାଇ ପରୀକ୍ଷା କରିବା ପ୍ରତିଶ୍ରୁତି ଜିଲାପାଳଙ୍କଠାରୁ ପାଇବା ପରେ ଶନିବାର ଅପରାହ୍ନ ପ୍ରାୟ ୪ଟା ୩୦ରେ ଧାରଣା ପ୍ରତ୍ୟାହୃତ ହୋଇଛି।



ନୟାଗଡ଼ ଜିଲା ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବେଲପଡ଼ାପାଟଣା ଗାଁର ସବର୍ଣ୍ଣ ପରିବାର ଧାରଣାରେ ବସିଛନ୍ତି ।

ସୂଚନାଯୋଗ୍ୟ, ଶନିବାର ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଦିଶା ବୈଠକ ଚାଲିଥିଲା । ଏହି ସମୟରେ ୯ ତାରିଖରେ ସ୍କୁଲରୁ ତାଲା ଖୋଲି ପରୀକ୍ଷା କରିବା ଦାବିରେ ବେଲପଡ଼ାପାଟଣାର ସବର୍ଣ୍ଣ ପରିବାର ଅପରାହ୍ନ ୧ଟାରୁ ଧାରଣାରେ ବସିଥିଲେ। ଦିଶା ବୈଠକ ଶେଷ ପରେ ଜିଲାପାଳ ମଧୁମିତା ରଥ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଆନ୍ଦୋଳନରତ ସବର୍ଣ୍ଣଙ୍କ ଦାବି ଶୁଣି ସେମାନଙ୍କ ସହ ଆଲୋଚନା କରିଥିଲେ। ମୃତ ଛାତ୍ରଙ୍କ ପରିବାର ସହ ଆଲୋଚନା ଓ ଶାନ୍ତି କମିଟି ବୈଠକ କରାଇ ସ୍କୁଲ ଖୋଲିବାକୁ ତ୍ୱରିତ ପଦକ୍ଷେପ ନେବେ ବୋଲି ଜିଲାପାଳଙ୍କ ପ୍ରତିଶ୍ରୁତିକୁ ସବର୍ଣ୍ଣ ଆନ୍ଦୋଳନକାରୀ ଶୁଣି ନ ଥିଲେ। ବନ୍ଦ ଥିବା ସ୍କୁଲରୁ ତାଲା ଖୋଲି ୯ ତାରିଖରେ ପରୀକ୍ଷା କରିବା ପ୍ରତିଶ୍ରୁତି ନ ପାଇଲେ ଧାରଣାରୁ ହଟିବେ ନାହିଁ ବୋଲି କହିଥିଲେ।

ପ୍ରକାଶ ଯେ, ଫେବୃଆରୀ ୩ରେ ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଲ୍ଲିକ ଶୌଚ ହେବାକୁ ଯାଇ ସ୍କୁଲକୁ ଫେରି ନ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ୍ୟ ସ୍କୁଲକୁ ନ ଆସିବାର କାରଣ ଖୋଜି ନ ଥିଲେ। ଫେବୃଆରୀ ୪ ତାରିଖରେ ଭୋଳାନାଥଙ୍କ ମୃତଦେହ କୂଅରୁ ଜବତ ହେବା ପରେ ଉତ୍ତେଜନା ସୃଷ୍ଟି ହେବା ସହ ସ୍କୁଲରେ ତାଲା ପକାଇ ଦେଇଥିଲେ। ସେହିଭଳି ଗଣିଆ-ଦଶପଲ୍ଲା ଓ ଗଣିଆ-କଣ୍ଟିଲୋ ରାସ୍ତା ଅବରୋଧ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଦୁଇ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଥିଲା। ଗତ ଫେବୃଆରୀ ୪ରୁ ସ୍କୁଲରେ ୩୧ରୁ ଊର୍ଦ୍ଧ୍ୱ ଦିନ ହେଲା ତାଲା ଝୁଲୁଛି।

### ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷା

## ନୟାଗଡ଼ ପାଇଁ ଗୌରବ ଆଣିଲେ ସାଇ ରମଣ ପାତ୍ର

ରଣପୁର, ୭।୩ (ସୁକାନ୍ତ କିଶୋର ଡାକୁଆ)

ପ୍ରକାଶ ପାଇଥିବା ସର୍ବଭାରତୀୟ ପ୍ରଶାସନିକ ସେବା ଫଳାଫଳରେ ସଫଳତା ଲାଭ କରିଥିବା ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁରର ହୃଷୀକେଶ ପାତ୍ରଙ୍କ ସୁପୁତ୍ର ସାଇ ରମଣ ପାତ୍ର ୨୮୫ତମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇ ଜିଲା ପାଇଁ ଗୌରବ ଆଣିଥିବା ଜଣାଯାଇଛି । ସେ ଗୋପାଳପୁର ହାଇସ୍କୁଲରୁ ମାଟ୍ରିକ୍ ପଢ଼ା ସାରି ନୟାଗଡ଼ ଜୁନିଅର କଲେଜରେ ଯୁକ୍ତ ୨ ବିଜ୍ଞାନ ସାରିବା ପରେ ଆଇଆଇଏସ୍‌ଇଆର କୋଲକାତାରୁ ଜିଓଲୋଜିରେ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି ସାରିବା ପରେ ଗତବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୭ତମ ସ୍ଥାନରେ ସଫଳତା ଲାଭ କରିଥିବାବେଳେ ଚଳିତବର୍ଷ ସର୍ବଭାରତୀୟ ପ୍ରଶାସନିକ ସେବାରେ ୨୮୫ତମ ସ୍ଥାନରେ ରହି କୃତକାର୍ଯ୍ୟ ହାସଲ କରି ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି । ସେ ବିଶ୍ୱବିଦ୍ୟାଳୟରେ ଗୋଲ୍ଡ ମେଡାଲ ଲାଭ କରିଥିବା ସହ ଏନ୍‌ଆରଟିଏସ୍ ଓ ପଠାଣି ସାମନ୍ତ ସ୍କଲାରଶିପ୍ ମଧ୍ୟ ପାଇଥିଲେ । ସେ ଏହି ସଫଳତା ପାଇଁ ନିଜ ମାତାପିତା, ସାଙ୍ଗ ଓ ଗୁରୁଜୀଙ୍କୁ ଶ୍ରେୟ ଦେଇଥିଲେ । ସେ ନିଜକୁ ଜନତାଙ୍କ ସେବାରେ ଉତ୍ସର୍ଗ କରିବା ଲାଗି ଉଦ୍ୟମ ଜାରି ରଖିବେ ବୋଲି ପ୍ରକାଶ କରିଥିଲେ । ତାଙ୍କର ଏହି ସଫଳତା ହାସଲ ପରେ ଜିଲା ତଥା ରାଜ୍ୟର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି । ରଣପୁର ବ୍ଲକ ଚେୟାରମ୍ୟାନ ଓ ଭାଜପା ନୟାଗଡ଼ ଜିଲା ସଭାପତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ସାଇ ରମଣଙ୍କୁ ରଣପୁର ବ୍ଲକ ଚେୟାରମ୍ୟାନ ମମତା ବେହେରା ଓ ଭାଜପା ଜିଲା ସଭାପତି ତାପସ ରଞ୍ଜନ ମାର୍ଥା ଶୁଭେଚ୍ଛା ଜଣାଉଛନ୍ତି।

## ଏବେ ବି ବଞ୍ଚିଛି ପାରମ୍ପରିକ ଲଉଡ଼ି ଖେଳ



ଲଉଡ଼ି ଖେଳ

ଖଣ୍ଡପଡ଼ା, ୭।୩(ଅଜୟ କୁମାର ମହାରଣା)

ଫାଲ୍‌ଗୁନ ଶୁକ୍ଳପକ୍ଷ ତିଥିରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗୋପାଳସମାଜ ପକ୍ଷରୁ ଦୋଳପର୍ବ ଅବସରରେ ଦୋଳପର୍ବ ପାରମ୍ପରିକ ରୀତିରେ ପାଳନ ହୋଇଥାଏ। ତେବେ ଏ ମହୋତ୍ସବରେ ସେମାନଙ୍କର ପାରମ୍ପରିକ ଲଉଡ଼ି ଖେଳ ସହ ବାଦ୍ୟ ନୃତ୍ୟ ତାଳେ ତାଳେ ଗୀତ ଗାନ କରିବା ଦେଖଣାହାରିଙ୍କୁ ଦ୍ୱାପର ଯୁଗର କୃଷ୍ଣଙ୍କ ଲୀଳାଖେଳା ସମ୍ପର୍କକୁ ଉଜ୍ଜୀବିତ କରିଥାଏ। ତେବେ ସମୟର ପରିବର୍ତ୍ତନ ଧାରାରେ ଅନେକ ଅଞ୍ଚଳରେ ଏହି ପରମ୍ପରା କ୍ରମଶଃ ବୁଡ଼ିବାକୁ ବସିଲାଣି। ଦୋଳପର୍ବ ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମର ଗୋପାଳସମାଜ ପକ୍ଷରୁ ପ୍ରଭୁ ଶ୍ରୀଶ୍ରୀ ହଟ୍ଟକେଶ୍ୱର ମହାଦେବ ଓ ରାଧାମାଧବ ଜୀଉଙ୍କ ଦୋଳିଖେଳ ନୀତି ସହ ଏହି ପରମ୍ପରାକୁ ବଞ୍ଚାଇ ରଖି ପ୍ରଚଳିତ ପ୍ରଥାନୁସାରେ ଦୋଳ ବିମାନରେ ବିଗ୍ରହମାନଙ୍କୁ ଗ୍ରାମ ପରିକ୍ରମା କରାଇ ଭୋଗ ଖାଇବାର ଦୃଶ୍ୟକୁ ଅଞ୍ଚଳବାସୀ ବେଶ୍ ଉପଭୋଗ କରିଥିଲେ। ଗ୍ରାମର ଗୋପାଳସମାଜ ମୁଖ୍ୟ(ବେହେରା) ପ୍ରାଣକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଗୋପାଳ ଭାଇ ଏକତ୍ରିତ ହୋଇ ଜାତିର ମର୍ଯ୍ୟାଦା ଓ ପାରମ୍ପରିକ ଲଉଡ଼ି ଖେଳକୁ ଅକ୍ଷୁଣ୍ଣ ରଖିବା ପାଇଁ ରାଧାକୃଷ୍ଣଙ୍କ ନିକଟରେ ଗୋପାଳ ଘରର ଝିଅ ବୋହୂମାନେ ମିଶି ବାଡ଼ି ବା ଲଉଡ଼ିକୁ ପୂଜା ଓ ବନ୍ଦାପନା କରିଥିଲେ। ପରେ ପରେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତିକୁ ବିମାନରେ ବସାଇ କୁନି କୁନି ପିଲାମାନଙ୍କୁ ରାଧାକୃଷ୍ଣ ଓ ବୟସ୍କ ଲୋକଙ୍କୁ ନନ୍ଦ ଯଶୋଦା ବେଶରେ ସଜାଇ ଠାକୁରଙ୍କ ଗୀତ ଗାଇ, ନାଚି ନାଚି ଲଉଡ଼ି ଖେଳି ଗ୍ରାମ ପରିକ୍ରମା କରିଥିଲେ।

## ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

ଖଣ୍ଡପଡା,୭।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ୧ନଂ ୱାର୍ଡସ୍ଥିତ ପଶ୍ଚିମମୁଖା ହନୁମାନଙ୍କ ପୀଠରେ ୯ଦିନ ବ୍ୟାପୀ ଚାଲିଥିବା ୪୧ତମ ଶ୍ରୀ ରାମଚରିତ ମାନସ ଓ ପ୍ରବଚନ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତି ଉତ୍ସବରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତ୍ୟେହ ସୂର୍ଯ୍ୟପୂଜା,ଗୋପୂଜା.



ପଞ୍ଚିମମୁଖା ହନୁମାନ ପୀଠରେ ଶ୍ରୀରାମଚରିତ ମାନସ ମହାଯଜ୍ଞର ପୂର୍ଣ୍ଣାହୁତି।

ହନୁମାନ ଚାଳିଶାପାରାୟଣ,ଘୃତଯଜ୍ଞ ସହ ସନ୍ଧ୍ୟାରେ ପ୍ରବଚକମାନଙ୍କ ସହ ଶ୍ରୀରାମଚରିତ ମାନସ ଓ ପ୍ରବଚନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବ୍ୟାସ ଭାବେ ପ୍ରଦୀପ କୁମାର ବାହିନୀପତି, କର୍ତ୍ତା ଭାବେ କିଶୋର ଚନ୍ଦ୍ର ଦାସ ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ । ପଶ୍ଚିମମୁଖା ହନୁମାନ ମନ୍ଦିର କମିଟି ସଭାପତି କାଶୀନାଥ ଦାସ, ସମ୍ପାଦକ ବିଜୟ ରାଉତ,ସହ ସମ୍ପାଦକ ମଦନ ମୋହନ ବେହେରା ଓ ସଦସ୍ୟମାନଙ୍କ ସହଯୋଗରେ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ଜଣାଯାଇଛି ।

## ଖଣ୍ଡପଡ଼ା ବ୍ଲକ୍ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ସମାରୋହ ୧୦ରୁ

ଖଣ୍ଡପଡ଼ା, ୭।୩(ଅଜୟ କୁମାର ମହାରଣା)

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆସନ୍ତା ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଖଣ୍ଡପଡ଼ା ସହରର ବାଇପାସ୍ ରାସ୍ତା ପାର୍ଶ୍ୱସ୍ଥିତ ଭଲିବଲ କ୍ରୀଡାଙ୍ଗନ ଓ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଖଣ୍ଡପଡ଼ା ବ୍ଲକ କ୍ଲଷ୍ଟରସ୍ତରୀୟ କ୍ରୀଡା ସମାରୋହ ଆରମ୍ଭ ହେବ । ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି କ୍ରୀଡା ସମାରୋହକୁ ସଫଳ କରିବା ପାଇଁ ଯୁବ ସଂଗଠକ ତଥା ପୂଜ୍ୟପୂଜା ପରିଷଦ ମୁଖ୍ୟ ମହେନ୍ଦ୍ର କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବ୍ଲକସ୍ତରରୁ ଉଦୀୟମାନ କ୍ରୀଡାବିତମାନେ ଆୟୋଜିତ ସମାରୋହରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି।

## ବନମାଳୀପୁର ପଞ୍ଚଦୋଳ ମହୋତ୍ସବ ଆଜି

ଖଣ୍ଡପଡା, ୭।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ବାବା ସୋମନାଥଙ୍କ ପୀଠରେ ରବିବାରରୁ ପଞ୍ଚୁଦୋଳ ମହୋତ୍ସବ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି । ବନମାଳିପୁର ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ମହୋତ୍ସବ ନିମନ୍ତେ ସମସ୍ତ ପ୍ରସ୍ତୁତି ସରିଥିବା ସୂଚନା ମିଳିଛି। ରବିବାର ପ୍ରଥମ ସନ୍ଧ୍ୟାରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଆରାଧ୍ୟ ଠାକୁରଙ୍କୁ ବିରାଟ ପଟୁଆରରେ ଅଞ୍ଚଳ ପରିକ୍ରମା କରାଇ ମେଳଣ ପଡିଆରେ ବିଜେ କରାଯିବ। ସେହିପରି ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ସଭା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହେବ ବୋଲି ଆୟୋଜକ ଗ୍ରାମବାସୀଙ୍କ ସୂତ୍ରରୁ ସୂଚନା ମିଳିଛି।

## ମାଟିରେ ପୋତିହୋଇ ଗଲାଣି ନଳକୂପ

**କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ**

ଖଣ୍ଡପଡ଼ା, ୭।୩(ଅଜୟ କୁମାର ମହାରଣା)

ଗ୍ରୀଷ୍ମ ଋତୁ ଆରମ୍ଭରେ ଖଣ୍ଡପଡ଼ା ସହର, କଣ୍ଟିଲୋ ନୀଳମାଧବ ପୀଠ ଓ ଆଖପାଖ ଅଞ୍ଚଳରେ ପାନୀୟଜଳ ସମସ୍ୟା ଦେଖା ଦେଇଛି। ବୃହତ ମେଗା ପାନୀୟଜଳ ପ୍ରକଳ୍ପ ଜରିଆରେ ଅଞ୍ଚଳବାସୀ ପାଣି ପାଇବେ ବୋଲି ଗତ ୨ ବର୍ଷ ହେଲା ଚାତକ ପରି ଚାହିଁ ରହିଥିଲେ ହେଁ ପ୍ରକଳ୍ପ କାର୍ଯ୍ୟର ମନ୍ଥରତାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ସେହିପରି ଗାଁଗଣ୍ଡା ଓ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ସରକାରଙ୍କ ପକ୍ଷରୁ ଛତୁ ଫୁଟିଲା ପରି ଶହଶହ ନଳକୂପ ଖୋଳା ଯାଇଥିଲେ ହେଁ ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏକାଧିକ ନଳକୂପ ଏବେ ଅଖୋଜା ଅଲୋଡା ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। କେଉଁଠି ନଳକୂପ ମାଟିରେ ମିଶିଲାଣି ତ କେଉଁଠି ଅନାବନା ଲଟାବୁଦା ମଧ୍ୟରେ ନଳକୂପ ଲୁଚି ଯିବାକୁ ବସିଲାଣି। ପୁଣି କେଉଁଠି ନଳକୂପ ଅଛି ମାତ୍ର ପାଣି ବାହାରୁ ନାହିଁ। ଏଭଳି ସ୍ଥିତିରେ ବିଭିନ୍ନ ଜାଗାରେ ନଳକୂପ ରହିଥିବା ପରିଲକ୍ଷିତ ହେଉଛି। ଏଥିପ୍ରତି ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ,ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅଚଳ ଅବସ୍ଥାରେ ପଡି ରହିଥିବା ନଳକୂପଗୁଡିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ମହିଷାଶୁଣୀ ମନ୍ଦିର, ପ୍ରାପ୍ୟ ମିଳୁନି, ନୀତିକାନ୍ତି ବନ୍ଦ ହେବ

ଖଣ୍ଡପଡା,୭।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ଦେବୋତ୍ତର ବିଭାଗ ଅଧିନରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର ପରିଚାଳନା ପାଇଁ ପ୍ରତିମାସରେ ବିଧି ବ୍ୟବସ୍ଥା କ୍ରମେ ଆର୍ଥିକ ବ୍ୟବସ୍ଥା ରହିଛି । ମାତ୍ର ଉକ୍ତ ଅର୍ଥ ଠିକ୍ ସମୟରେ ପ୍ରଦାନ କରାଯାଉ ନ ଥିବାରୁ ପୂଜା ନୀତିରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ତେବେ ଖଣ୍ଡପଡା ତହସିଲ ଅଧିନ ଜଗନ୍ନାଥ ପ୍ରସାଦ ପଞ୍ଚାୟତସ୍ଥ ଦରଦା ମହିଷାଶୁଣୀ ମନ୍ଦିର ପାଇଁ ପ୍ରାୟ ୩୩ ଏକର ଜମି ଖଞ୍ଜା ରହିଥିବା ବେଳେ ଏଥିରୁ ୬୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବାର୍ଷିକ ଆଦାୟ ହୋଇଥାଏ । ମାତ୍ର ଠାକୁରାଣୀଙ୍କ ଏହି ସବୁ ଜମି ପ୍ରଜା ଦଖଲରେ ଥାଇ ଉପଯୁକ୍ତ ଅମଳ ଫସଲ(ଧାନ) ଦେବୋତ୍ତର ବିଭାଗରେ ଦାଖଲ ହେଉ ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି । ଅପରପକ୍ଷରେ ଠାକୁରାଣୀଙ୍କ ଅଧିନରେ ଥିବା ପୋଖରୀକୁ ମାଛ ଚାଷ ପାଇଁ ନିଲାମ ଦିଆଯାଇ ଆଦାୟ ଅର୍ଥ ଠାକୁରାଣୀଙ୍କ ନୀତିକାନ୍ତି ଉଦ୍ଦେଶ୍ୟରେ ବ୍ୟୟ ହୋଇଥାଏ । ମାତ୍ର ସଂପ୍ରତି ଏସବୁ ପୋଖରୀ ଓ ଜମିକୁ ଗ୍ରାମବାସୀ ଦଖଲ କରି କୌଣସି ପ୍ରାପ୍ୟ ଦେବୋତ୍ତର ବିଭାଗକୁ ଦେଉ ନ ଥିବା ଖଣ୍ଡପଡା ଦେବୋତ୍ତର ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ସୂଚନା ଦେଇଥିବା ବେଳେ ସମ୍ପୃକ୍ତ ଗ୍ରାମର ଜନୈକ ଗଦାଧର ବଳିଆ ଠାକୁରାଣୀଙ୍କ ପ୍ରାୟ ୩ ଏକରରୁ ଊର୍ଦ୍ଧ୍ୱ ଜମିକୁ ଦଖଲ କରି ନିଜର ବୋଲି ଦର୍ଶାଇ ଦେବୋତ୍ତର ବିଭାଗକୁ କୌଣସି ପ୍ରାପ୍ୟ ଦେଉ ନ ଥିବା ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଠାକୁରଙ୍କ ଖଞ୍ଜା ଜମିରୁ ଆଦାୟ ଧାନ ଫସଲ ସହ ପ୍ରତିବର୍ଷ ପ୍ରାୟ ୪୦ରୁ ୫୦ ହଜାର ଟଙ୍କା ଆଦାୟ ହୋଇ ଖଣ୍ଡପଡା ଦେବୋତ୍ତର ବିଭାଗରେ ଜମା ଦିଆଯାଉଥିବା ସହକାରୀ ପୂଜକ ରମେଶ ରଣା ସୂଚନା ଦେଇଥିବା ବେଳେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ଦଖଲକାରୀମାନେ ଉକ୍ତ ଅର୍ଥ ପଇଠ କରୁନଥିବା ସେ ସୂଚନା ଦେଇଛନ୍ତି। ମନ୍ଦିର ପରିଚାଳନା ପାଇଁ ୨ଜଣ ପୂଜକଙ୍କ ମଧ୍ୟରୁ ଜଣେ ପୂଜାରୀଙ୍କୁ ବାର୍ଷିକ ୩୬ ହଜାର ଟଙ୍କା ସହ ଠାକୁରାଣୀଙ୍କ ୧୨ ମାଣ ଜମି ଖଞ୍ଜା ରହିଥିବା ବେଳେ ଏ ଜମି ବାବଦରେ ସେ ବର୍ଷକୁ ପ୍ରାୟ ୩୬ ହଜାର ଟଙ୍କା ପାଇବାକୁ ଦାବି କରୁଛି । ଅନ୍ୟଜଣେ ପୂଜାରୀ ପାଇଁ ଜମି ଖଞ୍ଜା ରହିଛି । ଅପରପକ୍ଷରେ ମନ୍ଦିର ପରିଚାଳନା ପାଇଁ ମାସିକ ୨୪ଶହ ଟଙ୍କା ଦେବୋତ୍ତର ବିଭାଗ ପକ୍ଷରୁ ଖର୍ଚ୍ଚ କରିବାର ବ୍ୟବସ୍ଥା ରହିଛି । ମାତ୍ର ପ୍ରତିମାସର ପ୍ରାପ୍ୟକୁ ଠିକ୍ ସମୟରେ ପ୍ରଦାନ କରିବାରେ ବିଭାଗୀୟ ଅଧିକାରୀ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି । ତେବେ ଗତ ୨ମାସର ପୂଜାରୀ ଦରମା ଓ ମନ୍ଦିର ପରିଚାଳନା ପାଇଁ ବ୍ୟବସ୍ଥା ରହିଥିବା ପ୍ରାପ୍ୟ ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖକୁ ଏକାଧିକବାର ଯିବା ପରେ ମଧ୍ୟ ପ୍ରାପ୍ୟ ମିଳୁନି । ତେଣୁ ଆଗାମୀ ପର୍ବ ପର୍ବାଣୀ ପାଳନ କରିବା ଅସମ୍ଭବ ହୋଇପଡିବ ବୋଲି ରଣା ସୂଚନା ଦେଇଥିବା ବେଳେ ଆଗାମୀ ଦିନରେ ଠାକୁରାଣୀଙ୍କ ପୂଜାନୀତି ବନ୍ଦ କରାଯିବ ବୋଲି ପୂଜକ ରଣା ଚେତାବନୀ ଦେଇଛନ୍ତି। ଏହାଛଡା ଠାକୁରାଣୀଙ୍କ ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ କବାଟ ନଷ୍ଟ ହୋଇଥିବାରୁ ସମ୍ପ୍ରତି ବୁଲା କୁକୁରଙ୍କ ଦୌରାତ୍ମ୍ୟ ହେଉଥିବା ରଣା କହିଛନ୍ତି। ତେବେ ଖଣ୍ଡପଡା ଦେବୋତ୍ତର ମ୍ୟାନେଜର ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରେ ଠାକୁରାଣୀଙ୍କ ଜମିକୁ ଦଖଲ କରି ଦଖଲକାରୀମାନେ କୌଣସି ପ୍ରାପ୍ୟ ଦେଉ ନ ଥିବାରୁ ଠାକୁରାଣୀଙ୍କ କାର୍ଯ୍ୟ ପରିଚାଳନା କରିବାରେ ବାଧକ ସାଜିଛି । ଅପରପକ୍ଷରେ ଠାକୁରାଣୀଙ୍କ କୌଣସି ଆୟ ପନ୍ଥା ନ ଥିବାରୁ ଅନ୍ୟାନ୍ୟ ମନ୍ଦିରର ଆୟରୁ ମନ୍ଦିର ପରିଚାଳନା କରାଯାଇ ପ୍ରାୟ ୬୦ ହଜାର ଟଙ୍କା ବ୍ୟୟ କରାଯାଇଛି ବୋଲି ମ୍ୟାନେଜର ପଟ୍ଟନାୟକ ସୂଚନା ଦେଇଛନ୍ତି।



ଦରଦା ଗ୍ରାମର ମହିଷାଶୁଣୀ ମନ୍ଦିର

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭୟ



@ ଦିଲୀପ



@ ଦିପକ



@ ସୁବାସ



@ ତନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

